# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 11, ISSUE NO. - 15, DATE : 01.10.2024 - 15.10.2024 FORTNIGHTLY (ODIA), BHUBANESWAR. PAGES-08


## ଭରତପୁର ଘଟଣା : କିଛି ବେଦନାଭରା ପ୍ରଶ୍ନ

ଖୋଦ ରାଜଧାନୀ ଭୁବନେଶ୍ୱରରେ ସରକାରୀ ସାର୍ଟିଫିକେଟ୍ ପାଇଥିବା 'ଆଦର୍ଶ ଥାନା' ଭରତପୁର ଥାନା ଭିତରେ ଜଣେ ମହିଳାଙ୍କ ଉପରେ ହୋଇଥିବା ଦୈହିକ ଅତ୍ୟାଚାର, ଯୌନ ନିର୍ଯ୍ୟାତନା ଓ ଏହାର ପରବର୍ତ୍ତୀ ଘଟଣା ପ୍ରବାହ ଆମ ରାଜ୍ୟ ତଥା ଦେଶରେ ଗଭୀର ଆଲୋଡନ ସୃଷ୍ଟି କରିଛି। ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ସମସ୍ତ ଚିନ୍ତାଶୀଳ ଦରଦୀ ଜନସାଧାରଣ ସମ୍ପ୍ରତି ଆର ଜି କର ମେଡିକାଲ କଲେଜର ଡାକ୍ତରୀ ଛାତ୍ରୀଙ୍କ ଜଘନ୍ୟ ବଳାତ୍କାର ଓ ନୃଶଂସ ହତ୍ୟାକାଣ୍ଡରୁ ଆରମ୍ଭ କରି ପ୍ରତିଦିନ ଘଟିଚାଲିଥିବା ଏତାଦୃଶ ଲୋମ ହର୍ଷଣକାରୀ ଘଟଣାରେ ଗଭୀର ଭାବେ ବ୍ୟଥିତ, ମର୍ମାହତ। ତେବେ ଏହିଭଳି ନାରକୀୟ ଘଟଣାରେ ସରକାରୀ ଉଚ୍ଚ ମହଲରେ ସମ୍ପୃକ୍ତି, ସେମାନଙ୍କର କିଛି ପୋଷା ବୁଦ୍ଧୀଜୀବୀମାନଙ୍କର ଯୁକ୍ତି ଆହୁରି ମର୍ମାନ୍ତିକ।

ସେପ୍ଟେମ୍ବର ୧୪ତାରିଖ ବିଳମ୍ବିତ ରାତ୍ରୀରେ ସଂପୃକ୍ତ ମହିଳା ତାଙ୍କର ବାଗଦତ୍ତ ତଥା ସାମରିକ ବାହିନୀର ଜଣେ ପଦସ୍ଥ ଅଧିକାରୀଙ୍କ ସହିତ ନିଜ କାରରେ ଘରକୁ ଫେରିବା ସମୟରେ କେତେକ ଯୁବକ ତାଙ୍କୁ ରାସ୍ତାରେ ଅଟକାଇଲେ, ଚାରିପଟୁ ଘେରିଯାଇ ଅତ୍ୟନ୍ତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କଲେ, ଦୈହିକ ଭାବରେ ଆକ୍ରମଣ କଲେ ଏବଂ ତାଙ୍କ ବାଗଦତ୍ତଙ୍କ ସହିତ ଠେଲାପେଲା କଲେ। ଏହାର କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ। ତେବେ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳୁଥିବା କେତୋଟି ଭିଡିଓ କ୍ଲିପ୍‌ରେ ଏସବୁ ଦେଖିବାକୁ ମିଳୁଛି। ଏହି ଭିଡିଓରେ ଜଣେ ଯୁବକ ନିଜକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଭଣଜା ବୋଲି କହୁଥିବାର ଶୁଣିବାକୁ ମିଳୁଛି। ଏହି ଘଟଣାରେ ଭୟଭୀତ ମହିଳା ଓ ତାଙ୍କ ବାଗଦତ୍ତ ସାମରିକ ଅଧିକାରୀ ଘଟଣା ସଂପର୍କରେ ଏତଲା ଦରଜ କରିବା ଏବଂ ଘରକୁ ଯିବାପାଇଁ ପୁଲିସ ସୁରକ୍ଷା ପାଇଁ ଅନୁରୋଧ କରିବାକୁ ନିକଟସ୍ଥ ଭରତପୁର ଥାନାକୁ ଯାଇଥିଲେ। ମହିଳା ଜଣକ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାର ଅନୁଯାୟୀ ତାଙ୍କ ଅଭିଯୋଗ ଦରଜ କରିବା ଏବଂ ତାଙ୍କୁ ସହାୟତା ଦେବା ପରିବର୍ତ୍ତେ ଥାନାରେ ତାଙ୍କୁ ଘଣ୍ଟା ଘଣ୍ଟା ଧରି ବସାଇ ରଖାଯାଇଥିଲା। ଏହାର ପ୍ରତିବାଦ କରିବାକୁ ସାମରିକ ଅଧିକାରୀଙ୍କ ନିକଟରୁ ମୋବାଇଲ ଫୋନ, ପରିଚୟ ପତ୍ର ଓ ଅନ୍ୟାନ୍ୟ ବ୍ୟକ୍ତିଗତ ସାମଗ୍ରୀ ଛଡାଇନେଇ ତାଙ୍କୁ ଅର୍ଦ୍ଧନଗ୍ନ ଅବସ୍ଥାରେ ହାଜତରେ ପୁରାଇ ଦିଆଗଲା। ମହିଳାଙ୍କୁ ମାଡ ମରାଗଲା, ତାଙ୍କର ହାତଗୋଡ ବାନ୍ଧି ବସ୍ତୁତଃ ନଗ୍ନ ଅବସ୍ଥାରେ ଗୋଟିଏ କୋଠରୀରେ ଦୀର୍ଘ ସମୟ ଧରି ପକାଇ ଦିଆଗଲା। ସେଠାରେ ତାଙ୍କୁ ସଂପୂର୍ଣ୍ଣ ଉଲଗ୍ନକରି ଜଣେ ପୁରୁଷ ଅଧିକାରୀ ତାଙ୍କ ଛାତିକୁ ଗୋଇଠା ମାରିଲେ। ସକାଳୁ ଥାନା ଅଧିକାରୀ ଥାନରେ ପହଂଚି ତାଙ୍କ ସହିତ ଆହୁରି କଦର୍ଯ୍ୟ ଓ ଅଶାଳୀନ ବ୍ୟବହାର କଲେ ଏବଂ ଧର୍ଷଣ କରିବାକୁ ଧମକ ଦେଲେ। ଶେଷରେ ରାସ୍ତାରେ ଅତ୍ୟାଚାର ଶିକାର ହୋଇ ସହାୟତା ପାଇଁ ଥାନକୁ ଆସିଥିବା ମହିଳାଙ୍କୁ ରାତିସାରା ଥାନାରେ ଅତ୍ୟାଚାର କରିବାପରେ ତାଙ୍କ ବିରୁଦ୍ଧରେ ହତ୍ୟା ଉଦ୍ୟମ ମାମଲା ରୁଜୁକରି ଜେଲକୁ ପଠାଇ ଦିଆଗଲା। ଏହା ହେଉଛି ଅତ୍ୟାଚାରିତା ମହିଳାଙ୍କ ବୟାନ ଅନୁଯାୟୀ ଭୁବନେଶ୍ୱରସ୍ଥ ଭରତପୁର ଆଦର୍ଶ ଥାନାରେ ଘଟିଯାଇଥିବା ଲୋମହର୍ଷଣକାରୀ ଘଟଣାର ସଂକ୍ଷିପ୍ତ ବିବରିଣୀ ।




ସଂପ୍ରତି ଭୁବନେଶ୍ୱର ଏମ୍‌ଏସ୍ ପକ୍ଷରୁ ଜାରୀ କରାଯାଇଥିବା ଡାକ୍ତରୀ ରିପୋର୍ଟରେ ମହିଳାଙ୍କ ଉପରେ ହୋଇଥିବା ଦୈହିକ ଅତ୍ୟାଚାର ସଂପୂର୍ଣ୍ଣ ସତ୍ୟ ପ୍ରମାଣିତ ହୋଇଛି। ଦେଶର ସମସ୍ତ ପୁଲିସ ଥାନାରେ ସିସିଟିଭି ବାଧ୍ୟତାମୂଳକ ବୋଲି ମାନ୍ୟବର ସୁପ୍ରିମ କୋର୍ଟ କଡା ନିର୍ଦ୍ଦେଶ ଦେଇଛନ୍ତି। ଚଳିତବର୍ଷ ମାର୍ଚ୍ଚ ମାସରେ ଚାରିକୋଟି ଟଙ୍କାରେ ନିର୍ମିତ ଭରତପୁର ଥାନା ମହାଆଡମ୍ବରରେ ଉଦ୍‌ଘାଟନ କରିବା ସମୟରେ ଏହି ଥାନାରେ ସିସିଟିଭି ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି ବୋଲି ସରକାରୀ ଭାବେ ଘୋଷଣା କରାଯାଇଥିଲା। ପୁଣି ଗତ ବିଧାନସଭା ଅଧିବେଶନରେ ରାଜ୍ୟର ସମସ୍ତ ଥାନାରେ ସିସିଟିଭି କାର୍ଯ୍ୟକ୍ଷମ ରହିଛି ବୋଲି ଗୋଟିଏ ପ୍ରଶ୍ନର ଉତ୍ତରରରେ ସ୍ୱୟଂ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମାତ୍ର ଏହା ସତ୍ତ୍ୱେ ମଧ ଭରତପୁର 'ଆଦର୍ଶ' ଥାନାରେ ସିସିଟିଭି ନଥିଲା। ଏହାର ସୁଯୋଗ ନେଇ ଘଟଣା ଘଟିବା ପରଦିନ ଭୁବନେଶ୍ୱର ପୁଲିସ ଡିସିପି ଜାତୀୟ ସ୍ତରର ଗୋଟିଏ ଗଣମାଧ୍ୟମକୁ କହିଥିଲେ ଯେ ମହିଳା ଜଣକ ତାଙ୍କ ପୁରୁଷ ବନ୍ଧୁଙ୍କ ସହିତ ନିଶାସକ୍ତ ଅବସ୍ଥାରେ ଥାନାରେ କର୍ମଚାରୀମାନଙ୍କୁ ଗାଳିଗୁଲଜ, ମାରଧର କରିଥିଲେ, ଥାନାରେ ଭଙ୍ଗାରୁଜା କରିଥିଲେ। ସେଥିପାଇଁ ତାଙ୍କୁ ଗିରଫକରି ଜେଲକୁ ପଠାଇ ଦିଆଯାଇଛି।

ସମଗ୍ର ଦେଶରେ ପ୍ରତିଦିନ ରାସ୍ତାଘାଟରେ ମହିଳାମାନଙ୍କ ଉପରେ ହେଉଥିବା ଏହି ଧରଣର ଅତ୍ୟାଚାର ଓ ଥାନା ଭିତରେ ସାଧାରଣ ଲୋକଙ୍କ ପ୍ରତି କରାଯାଉଥିବା ହଜାର ହଜାର ନିର୍ଯ୍ୟାତନା ଘଟଣା ଭଳି ଏହି ଘଟଣାଟି ମଧ ଲୋକଲୋଚନର ଅନ୍ତରାଳରେ ରହିଯାଇଥାନ୍ତା। ସରକାର, ପୁଲିସ କର୍ତ୍ତୃପକ୍ଷ ଏବଂ ସରକାରଙ୍କର ଗୋଡାଣିଆ ଗଣମାଧ୍ୟମ ଏ ଦିଗରେ ସମସ୍ତ ଉଦ୍ୟମ ଆରମ୍ଭ କରିଦେଇଥିଲେ। ମାତ୍ର ନିର୍ଯ୍ୟାତିତ ମହିଳା ଜଣକ ପଦସ୍ଥ ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ଝିଅ ଓ ମହିଳାଙ୍କ ବାଗଦତ୍ତ ସାମରିକ ବାହିନୀର କାର୍ଯ୍ୟରତ ଅଧିକାରୀ ହୋଇଥିବାରୁ ପରିସ୍ଥିତି ଭିନ୍ନ ଧରଣର ହୋଇଛି। ଏହାବ୍ୟତୀତ ଏହି ଘଟଣା ପ୍ରତିବାଦରେ ଅବସରପ୍ରାପ୍ତ ସାମରିକ ଅଧିକାରୀମାନେ ରାସ୍ତାକୁ ଓହ୍ଲାଇବା ଏବଂ ସାମରିକବାହିନୀର ତୁଙ୍ଗ ଅଧିକାରୀମାନେ ଏ ସଂପର୍କରେ ସରକାର ଓ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିବାପରେ ଘଟଣାର ପ୍ରକୃତ ବିଭତ୍ସ ଦିଗ ଲୋକଲୋଚନାକୁ ଆସିଛି।

ପ୍ରଥମେ ଅଭିଯୁକ୍ତ ପୁଲିସ ଅଧିକାରୀ ମାନଙ୍କୁ ସୁରକ୍ଷା ଦେଉଥିବା ରାଜ୍ୟ ସରକାର ଜନମତର ଚାପରେ ସଂପୃକ୍ତ ୫ଜଣ ପୁଲିସ

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

## ଶିକ୍ଷା କ୍ଷେତ୍ରରେ କେନ୍ଦ୍ରୀକରଣ ଓ ଉଚ୍ଚ ଶିକ୍ଷାନୁଷ୍ଠାନରେ ନାମ ଲେଖା ସଙ୍କଟ

ସଂପ୍ରତି ରାଜ୍ୟର ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖାରେ ଅହେତୁକ ବିଳମ୍ବଯୋଗୁ ଶିକ୍ଷା କ୍ଷେତ୍ରରେ ଗୁରୁତର ସଂକଟ ସୃଷ୍ଟି ହୋଇଥିବା ବିଷୟ ସଂବାଦପତ୍ର ମାନଙ୍କରେ ପ୍ରକାଶ ପାଇଛି। ପ୍ରକାଶିତ ସମ୍ବାଦ ଅନୁଯାୟୀ ସମଗ୍ର ରାଜ୍ୟରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ଚଳିତ ଶିକ୍ଷାବର୍ଷ ପାଇଁ ପାଠପଢା ଆରମ୍ଭ ହେଲାଣି ମାତ୍ର ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ହଜାର ହଜାର ସଂଖ୍ୟକ ସିଟ୍ ଖାଲି ପଡିଛି। ସ୍ନାତକ ସ୍ତରରେ ଏବେ ବି ୭୧ ହଜାର ସିଟ୍ ଖାଲିପଡିଥିଲାବେଳେ ଏମ୍‌ଏ ଶ୍ରେଣୀରେ ୧୦ହଜାର ସିଟ୍ ଖାଲି ପଡିଛି। ୨୦୦୯-୧୦ ଶିକ୍ଷାବର୍ଷରୁ ପର୍ଯ୍ୟାୟକ୍ରମେ ତତ୍‌କାଳୀନ ରାଜ୍ୟ ବିଜେଡି ସରକାର ସମଗ୍ର ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କର ନାମଲେଖା ଦାୟିତ୍ୱ ଏକାଡେମିକ ମ୍ୟାନେଜମେଣ୍ଟ ସିଷ୍ଟମ(Academic Management System-SAMS) ହାତରେ ଅର୍ପଣ କରିବା ପରଠାରୁ ଏହି ସମସ୍ୟା ଲାଗି ରହିଛି। ଏପରିକି ନଭେମ୍ବର ମାସ ବେଳକୁ ମଧ କଲେଜ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ନାମଲେଖା ପ୍ରକ୍ରିୟା ଶେଷ ହେଉନାହିଁ। ସିଟ୍ ଖାଲି ପଡୁଛି। ସାମସ୍ ପକ୍ଷରୁ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡିକୁ ନିଜ ସ୍ତରରେ ନାମଲେଖା(Spot Admission) ପାଇଁ ବିଭିନ୍ନ ପ୍ରକାର ସୂଚନା ଦିଆଯାଉଥିବାରୁ ନାମ ଲେଖା କ୍ଷେତ୍ରରେ ବ୍ୟାପକ ବିଭ୍ରାନ୍ତି ଓ ଅରାଜକତା ଦେଖାଦେଉଛି।

ପାଠକମାନଙ୍କ ଅବଗତି ନିମନ୍ତେ ଆମେ ଏଠାରେ ଉଲ୍ଲେଖ କରୁଛୁ ଯେ, ରାଜ୍ୟର ୧୧୪ଟି ଶିକ୍ଷାନୁଷ୍ଠାନରେ ବିଭିନ୍ନ ବିଭାଗରେ ସ୍ନାତକୋତ୍ତର ଶିକ୍ଷାଦାନ କରାଯାଉଛି। ଏହା ମଧ୍ୟରେ ରହିଛି ୧୮ଟି ବିଶ୍ୱବିଦ୍ୟାଳୟ ଏବଂ ୯୬ଟି ମହାବିଦ୍ୟାଳୟ। ଏହି ଶିକ୍ଷାନୁଷ୍ଠାନ ମାନଙ୍କରେ ବିଭିନ୍ନ ବିଭାଗର ୨୯ ହଜାର ଆସନ ରହିଛି। ଏହି ସମସ୍ତ ଆସନ ପାଇଁ ଗତ ଚାରିବର୍ଷ ଧରି ଏକକ ପ୍ରବେଶିକା ପରୀକ୍ଷା କରାଯାଉଛି। ଚଳିତ ବର୍ଷ ଅଗଷ୍ଟ ୫ତାରିଖରେ ଏହି ପରୀକ୍ଷାର ମେଧା ତାଲିକା

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## "ଗୋଟିଏ ଦେଶ ଗୋଟିଏ ନିର୍ବାଚନ" ଆହୁରି ଅଧିକ ଜନସାଧାରଣଙ୍କ କଣ୍ଠରୋଧ କରିବ -ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)

ସମଗ୍ର ଦେଶରେ ତଥାକଥିତ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ ବ୍ୟବସ୍ଥା' ପ୍ରଚଳନ କରିବାପାଇଁ କେନ୍ଦ୍ର ବିଜେପି ସରକାରର ଉଦ୍ୟମକୁ ଦୃଢ ବିରୋଧକରି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟିର ସାଧାରଣ ସଂପାଦକ କମ୍ରେଡ ପ୍ରଭାସ ଘୋଷ ନିମ୍ନଲିଖିତ ବିବୃତ୍ତି ଜାରୀ କରିଛନ୍ତି -

'ଦେଶରେ ନିର୍ବାଚନ ବ୍ୟବସ୍ଥାରେ ଏବେବି ଗଣତନ୍ତ୍ରର ଯେଉଁ ସାମାନ୍ୟ ଅବଶେଷ ବଂଚିରହିଛି ତାହାକୁ ମଧ ଦେଶର ଜନସାଧାରଣଙ୍କଠାରୁ ଛଡାଇ ନେବାପାଇଁ ଏହି ପ୍ରତାରଣାମୂଳକ ଉଦ୍ୟମଯେ ଉଦ୍ଦିଷ୍ଟ ସେ କଥା ଅତ୍ୟନ୍ତ ସ୍ପଷ୍ଟ। ଜନସାଧାରଣଙ୍କ ସ୍ୱରକୁ ଆହୁରି ଅଧିକ ସ୍ତବ୍ଧ କରିବା ଏବଂ ସେମାନଙ୍କର କଣ୍ଠରୋଧ କରିବା ଉଦ୍ଦେଶ୍ୟରେ ଦେଶରେ ଗୋଟିଏ ଅତ୍ୟନ୍ତ କେନ୍ଦ୍ରୀକୃତ ନିର୍ବାଚନ ବ୍ୟବସ୍ଥା ପ୍ରଚଳନ କରିବା ମଧଦେଇ ଦେଶର ଶାସକ ଏକଚାଟିଆ ପୁଞ୍ଜିପତି ଶ୍ରେଣୀର ସ୍ୱାର୍ଥରକ୍ଷା ପାଇଁ ଏହି ଉଦ୍ୟମ କରାଯାଉଛି। ଏହାର ପରିଣତିରେ ନିର୍ବାଚନ ଏକ ପ୍ରହସନରେ ପରିଣତ ହେବ।

ସେଥିପାଇଁ ଏହି ଜଘନ୍ୟ ଉଦ୍ୟମକୁ ବିରୋଧ କରିବାପାଇଁ ଆଗେଇ ଆସିବାକୁ ଏବଂ ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ କେନ୍ଦ୍ର ବିଜେପି ସରକାରକୁ ବାଧ୍ୟ କରିବାପାଇଁ ଆମେ ଦେଶର ଜନସାଧାରଣଙ୍କୁ ଆହ୍ୱାନ ଜଣାଉଛୁ।

### ଭିତର ପୃଷ୍ଠାରେ


★ ଶୋଷିତ ଶ୍ରେଣୀର ମୁକ୍ତିର ଦିଶାରୀ ମହାନ ମାଓ-ସେ-ତୁଙ୍ଗଙ୍କ ଜୀବନ ସଂଗ୍ରାମ ଓ ଶିକ୍ଷାର ଏକ ସଂକ୍ଷିପ୍ତ ଆଲେଖ୍ୟ

★ ୪ବର୍ଷିଆ ଡିଗ୍ରୀ କୋର୍ସ - ଉଚ୍ଚ ଶିକ୍ଷାର କଣ୍ଠରୋଧ

# ଶୋଷିତ ଶ୍ରେଣୀର ମୁକ୍ତିର ଦିଶାରୀ ମହାନ
# ମାଓ-ସେ -ତୁଙ୍ଗଙ୍କ
## ଜୀବନ ସଂଗ୍ରାମ ଓ ଶିକ୍ଷାର ଏକ ସଂକ୍ଷିପ୍ତ ଆଲେଖ୍ୟ

*ଚୀନ ବିପ୍ଲବର ରୂପକାର ତଥା ସର୍ବହରା ଶ୍ରେଣୀର ମହାନ ନେତା କମ୍ରେଡ ମାଓ-ସେ-ତୁଙ୍ଗଙ୍କ ୪୮ତମ ମୃତ୍ୟୁ ବାର୍ଷିକୀ ଉପଲକ୍ଷେ ତାଙ୍କର ଅସାଧାରଣ ଜୀବନ ସଂଗ୍ରାମ ଏବଂ ଚୀନ ବିପ୍ଳବର କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ପାଠକମାନଙ୍କ ସମ୍ମୁଖରେ ତୋଳିଧରିବା ଉଦ୍ଦେଶ୍ୟରେ ଲିଖିତ ସଂକ୍ଷିପ୍ତ ଆଲେଖ୍ୟର ପ୍ରଥମ ଭାଗ ସର୍ବହରା କ୍ରାନ୍ତିର ସେପ୍ଟେମ୍ବର ୧୬ ସଂଖ୍ୟାରେ ପ୍ରକାଶିତ ହୋଇଥିଲା। ଏହାର ଶେଷ ଭାଗ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ପ୍ରକାଶ କରାଯାଇଛି। ସଂପାଦକ- ସର୍ବହରା କ୍ରାନ୍ତି।*



### ଜନଗଣତାନ୍ତ୍ରିକ ରାଷ୍ଟ୍ର ଓ ଏହାର ଅର୍ଥନୈତିକ ବିଶେଷତ୍ୱ

ବିଂଶ ଶତାବ୍ଦୀର ଆରମ୍ଭ ସମୟରେ ବିଶ୍ୱର ବିଭିନ୍ନ ଉପନିବେଶ ଓ ଅର୍ଦ୍ଧ ଉପନିବେଶମାନଙ୍କରେ ଦଲାଲ ପୁଞ୍ଜିପତିମାନଙ୍କ ମଧ୍ୟରୁ ଗୋଟିଏ ଗୋଟିଏ ଶକ୍ତିଶାଳୀ ଗୋଷ୍ଠୀ ଧିରେ ଧିରେ ଧନ ସଂଚୟ କରି ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ ପ୍ରଭାବାଧିନ ଅଂଚଳରେ ମଧ୍ୟ ଜାତୀୟ ବୁର୍ଜୁଆ ଶ୍ରେଣୀ ଭାବରେ ଆତ୍ମପ୍ରକାଶ କରିବାକୁ ଲାଗିଲେ। ଏହି ଜାତୀୟ ବୁର୍ଜୁଆମାନଙ୍କର ଗୋଟିଏ ପଟରେ ସମାନ୍ତବାଦ ଓ ଅନ୍ୟ ଦିଗରେ ସାମ୍ରାଜ୍ୟବାଦ ସହିତ ଦ୍ୱନ୍ଦ୍ୱ ରହିଥିଲେ ମଧ୍ୟ ଏହି ଦ୍ୱନ୍ଦ୍ୱର ଚରିତ୍ର ଥିଲା ମୂଳତଃ ଆପୋଷକାମୀ, ସଂସ୍କାରମୁଖୀ ବିରୁଦ୍ଧତା। ବିପ୍ଳବୀ ଅଭ୍ୟୁତ୍‌ଥାନ କ୍ଷେତ୍ରରେ ଏହି ଜାତୀୟ ବୁର୍ଜୁଆ ମାନଙ୍କର ପ୍ରକୃତ ଭୂମିକା ଓ ବାସ୍ତବ ଶ୍ରେଣୀ ଅବସ୍ଥିତି ସଂପର୍କରେ ସାରା ବିଶ୍ୱର କମ୍ୟୁନିଷ୍ଟ ମାନଙ୍କ ମଧ୍ୟରେ ଦୀର୍ଘଦିନ ଧରି ନାନା ଧରଣର ବିଭ୍ରାନ୍ତି ଲାଗି ରହିଥିଲା। ଶେଷରେ ମହାନ ନେତା ଲେନିନ୍ ଏହି ଜାତୀୟ ବୁର୍ଜୁଆ ମାନଙ୍କର ପ୍ରକୃତ ଭୂମିକାର ମାର୍କ୍ସବାଦୀ ବିଶ୍ଳେଷଣ କରି ଦର୍ଶାଇଥିଲେ ଯେ ୧୯୧୭ ମସିହାରେ ଋଷ ଦେଶରେ ସଂଗଠିତ ନଭେମ୍ବର ବିପ୍ଳବ ପରବର୍ତ୍ତୀ ଅବସ୍ଥାରେ ପ୍ରତ୍ୟେକଟି ଉପନିବେଶ ଓ ଅର୍ଦ୍ଧ ଉପନିବେଶରେ ପରିଚାଳିତ ସ୍ୱାଧୀନତା ଆନ୍ଦୋଳନ ଉପରେ ସେହି ଦେଶର କମ୍ୟୁନିଷ୍ଟ ପାର୍ଟିର ନେତୃତ୍ୱ ପ୍ରତିଷ୍ଠିତ ନହେଲେ ସଂପୃକ୍ତ ଦେଶର ସ୍ୱାଧୀନତା ଆନ୍ଦୋଳନ ଏହାର ଯୁକ୍ତିଯୁକ୍ତ ଶେଷ ପରିଣତିରେ ପହଞ୍ଚି ପାରିବ ନାହିଁ। ଅର୍ଥାତ୍ ସ୍ୱାଧୀନତା ଆନ୍ଦୋଳନ ଉପରେ ଶ୍ରମିକ ଶ୍ରେଣୀ ପରିବର୍ତ୍ତେ ଜାତୀୟ ବୁର୍ଜୁଆ ଶ୍ରେଣୀର ନେତୃତ୍ୱ ପ୍ରତିଷ୍ଠା ହେଲେ ଏହି ଶ୍ରେଣୀ ନେତୃତ୍ୱରେ ସାମ୍ରାଜ୍ୟବାଦୀ ମାନଙ୍କ ସହିତ ଆପୋଷ ଜରିଆରେ କ୍ଷମତା ହାସଲ କରାଯାଇପାରେ। ମାତ୍ର ଏହି ସ୍ୱାଧୀନତା ବା ଜାତୀୟ ବୁର୍ଜୁଆ ମାନଙ୍କ ହାତକୁ କ୍ଷମତା ଆସିଲେ ଜନଗଣଙ୍କ ମୁକ୍ତି ଏବଂ ବୁର୍ଜୁଆ ଗଣତାନ୍ତ୍ରିକ ବିପ୍ଳବର ସମସ୍ତ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରିବ ନାହିଁ। ଏହାର କାରଣ ଦର୍ଶାଇବାକୁ ଯାଇ ଲେନିନ କହିଥିଲେ ଯେ ଉନବିଂଶ ଶତାବ୍ଦୀର ଶେଷ ଆଡକୁ ମଧ୍ୟ ବିଶ୍ୱର ଅଗ୍ରଣୀ ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ଦେଶମାନଙ୍କରେ ତୀବ୍ର ସର୍ବବ୍ୟାପକ ଅର୍ଥନୈତିକ ସଂକଟ ଦେଖାଦେଇଥିଲା ଏବଂ ଏମାନେ ସାମ୍ରାଜ୍ୟବାଦୀ ଶକ୍ତିରେ ପରିଣତ ହୋଇ ସାରିଥିଲେ। ଏହି ଯୁଗକୁ ଲେନିନ୍ ସାମ୍ରାଜ୍ୟବାଦ ଯୁଦ୍ଧ ଓ ସର୍ବହରା ବିପ୍ଳବ(Imperalism, War and Proletarian Revolution)ର ଯୁଗ ଭାବରେ ଅଭିହିତ କରିଥିଲେ ଏବଂ ପ୍ରାଞ୍ଜଳ ଭାବରେ ଦର୍ଶାଇଥିଲେ ଯେ ପୁଞ୍ଜିବାଦର ମରଣମୁଖୀ ଓ କ୍ଷୟିଷ୍ଣୁ ଯୁଗରେ କୌଣସି ଦେଶର ଜାତୀୟ ବୁର୍ଜୁଆ ଶ୍ରେଣୀ ପକ୍ଷରେ ଗଣତାନ୍ତ୍ରିକ ଆନ୍ଦୋଳନରେ ବିପ୍ଳବୀ ଭୂମିକା ପାଳନ କରିବା ସମ୍ଭବ ନୁହେଁ। ଅଷ୍ଟାଦଶ ଶତାବ୍ଦୀର ପ୍ରଗତିଶୀଳ ପୁଞ୍ଜିବାଦ ପକ୍ଷରେ ସମାଜର ସାମଗ୍ରିକ ଗଣତାନ୍ତ୍ରିକରଣ ସମ୍ଭବ ହୋଇଥିଲେ ମଧ୍ୟ 'ସାମ୍ରାଜ୍ୟବାଦ ଯୁଦ୍ଧ ଓ ସର୍ବହରା ବିପ୍ଳବ ଯୁଗ'ରେ ତାହା ଆଉ ସମ୍ଭବ ନୁହେଁ ଏବଂ ଏହି ଅତ୍ୟାବଶ୍ୟକ ସାମାଜିକ ଦାୟିତ୍ୱ ଶ୍ରମିକ ଶ୍ରେଣୀକୁ ହିଁ ନିର୍ବାହ କରିବାକୁ ହେବ ବୋଲି ସେ ସ୍ପଷ୍ଟ ଭାବରେ ଦର୍ଶାଇଥିଲେ। କମ୍ରେଡ ଲେନିନ୍‌ଙ୍କର ଏହି ଐତିହାସିକ ବିଶ୍ଳେଷଣକୁ ତାଙ୍କର ଯୋଗ୍ୟତମ ଉତ୍ତରସୂରୀ କମ୍ରେଡ୍ ଷ୍ଟାଲିନ ପରିବର୍ତ୍ତିତ ପରିସ୍ଥିତିରେ ଆହୁରି ପ୍ରାଞ୍ଜଳ ଭାବରେ ବ୍ୟାଖ୍ୟା କରିଥିଲେ। ଲେନିନ୍‌ବାଦକୁ 'ସାମ୍ରାଜ୍ୟବାଦ ଯୁଦ୍ଧ ଓ ସର୍ବହରା ବିପ୍ଳବ ଯୁଗର ମାର୍କ୍ସବାଦ' ବୋଲି ଅଭିହିତ କରି କମ୍ରେଡ ଷ୍ଟାଲିନ ଜାତୀୟ ବୁର୍ଜୁଆ ଶ୍ରେଣୀ ସହିତ ଯୁକ୍ତ ଫ୍ରଣ୍ଟ ସ୍ଥାପନ କରିବା ମଧ୍ୟ ଦେଇ ଏହି ଶ୍ରେଣୀର ଐତିହାସିକ କାର୍ଯ୍ୟକାରିତାକୁ ନିଃଶେଷ କରିବା ମଧ୍ୟଦେଇ ହିଁ କମ୍ୟୁନିଷ୍ଟମାନେ ବିଭିନ୍ନ ଉପନିବେଶ ଓ ଅର୍ଦ୍ଧ ଉପନିବେଶ ମାନଙ୍କରେ ବିପ୍ଳବ ସଫଳ କରିପାରିବେ ବୋଲି ଦର୍ଶାଇଥିଲେ। ସେଥିପାଇଁ ତଦାନୀନ୍ତନ ବିଶ୍ୱ ପରିସ୍ଥିତିରେ ଏହି ବିପ୍ଳବୀ ରଣନୀତିର ବିଶେଷ ରଣକୌଶଳ ଭାବରେ ବୁର୍ଜୁଆ ଶ୍ରେଣୀକୁ ଯୁକ୍ତଫ୍ରଣ୍ଟ ଗଠନ ଦିଗରେ ଆକର୍ଷିତ କରିବା ଓ ବାଧ କରିବା ପାଇଁ ନୟା ଗଣତନ୍ତ୍ର(New Democracy), ନୂଆ ଧରଣର ଗଣତନ୍ତ୍ର ବା ଜନ ଗଣତନ୍ତ୍ର (People's Democracy)ର ଧାରଣାକୁ କମ୍ରେଡ୍ ଷ୍ଟାଲିନ ପ୍ରାଞ୍ଜଳ ଓ କାର୍ଯ୍ୟକାରୀ ଭାବରେ ତୋଳି ଧରିଥିଲେ।

ଲେନିନ୍ ଓ ଷ୍ଟାଲିନଙ୍କର ଏହି ମୌଳିକ ବିଶ୍ଳେଷଣକୁ ପ୍ରଥମେ କମ୍ରେଡ୍ ମାଓ-ସେ-ତୁଙ୍ଗ ତାଙ୍କର 'ଚୀନ ସମାଜରେ ଶ୍ରେଣୀ ବିନ୍ୟାସର ବିଶ୍ଳେଷଣ' ନିବନ୍ଧରେ ଚୀନ ଦେଶର ବିଶେଷ ପରିସ୍ଥିତିରେ କାର୍ଯ୍ୟକାରୀ ରୂପ ଦେବାକୁ ଉଦ୍ୟମ କରିଥିଲେ। ଏହାପରେ ତାଙ୍କର ନୟା ଗଣତନ୍ତ୍ର(New Democracy) ନିବନ୍ଧରେ ଏହାକୁ ଆହୁରି ଋଦ୍ଧିମନ୍ତ କରି ତୋଳି ଧରିଥିଲେ। ଏହି ନିବନ୍ଧରେ କମ୍ରେଡ ମାଓ ଦର୍ଶାଇଥିଲେ ଯେ ବୁର୍ଜୁଆ ଗଣତାନ୍ତ୍ରିକ ବିପ୍ଳବର ଯୁଗ ଅନ୍ତ ହେବା ସହିତ ବୁର୍ଜୁଆ ଶ୍ରେଣୀ ଏହାର ବିପ୍ଳବୀ ଚରିତ୍ର ହରାଇ ପ୍ରତିକ୍ରିୟାଶୀଳ ଚରିତ୍ର ପରିଗ୍ରହ କରିଛି ଏବଂ ସର୍ବହରା ବିପ୍ଳବର ଭୟରେ ସଦାସର୍ବଦା ଥରହର ହେଉଛି। ସେଥିପାଇଁ ପ୍ରଥମେ ସନ୍-ଏତ୍-ସେନଙ୍କ ନେତୃତ୍ୱରେ ଓ ପରେ ଚିଆଂ କାଇସେକ୍ ନେତୃତ୍ୱରେ ପରିଚାଳିତ ଚୀନ୍‌ର ଜାତୀୟ ବୁର୍ଜୁଆ ଶ୍ରେଣୀର ଦଳ କୋମିଂଟାକୁ ବିପ୍ଳବର ନିର୍ଭରଯୋଗ୍ୟ ମିତ୍ର ଶକ୍ତି ଭାବରେ ବିଚାର କରିବା ମାରାତ୍ମକ ଭୁଲ ହେବ। ମାତ୍ର ଚୀନ କମ୍ୟୁନିଷ୍ଟ ପାର୍ଟିର ତତ୍‌କାଳୀନ ନେତୃତ୍ୱ ମାଓ-ସେ-ତୁଙ୍ଗଙ୍କର ଏହି ଅମୂଲ୍ୟ ଶିକ୍ଷାକୁ ଗ୍ରହଣ ନ କରିବା ଫଳରେ କମ୍ୟୁନିଷ୍ଟ ପାର୍ଟି କିଭଳି ବାରମ୍ବାର କ୍ଷତିଗ୍ରସ୍ତ ହୋଇଥିଲା ସେକଥା ପୂର୍ବରୁ ଉଲ୍ଲେଖ କରାଯାଇଛି। ଭାରତ ବର୍ଷ, ଆଫ୍ରିକା, ଏସିଆ ଓ ଲାଟିନ୍ ଆମେରିକାର ପ୍ରାୟ ସମସ୍ତ ନବ୍ୟ ସ୍ୱାଧୀନତା ପ୍ରାପ୍ତ ଦେଶମାନଙ୍କରେ କମ୍ୟୁନିଷ୍ଟ ପାର୍ଟିମାନଙ୍କର ପେଟିବୁର୍ଜୁଆ ଓ ସଂଶୋଧନବାଦୀ ଚରିତ୍ର ଯୋଗୁ ମହାନ ଲେନିନ୍ ଓ ଷ୍ଟାଲିନଙ୍କର ଏହି ସମୟୋପଯୋଗୀ ଏବଂ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାକୁ ସେହି ଦଳମାନେ ଗ୍ରହଣ କରିନଥିଲେ। ଏହାର ପରିଣତିରେ ଭାରତ ସମେତ ସଂପୃକ୍ତ ଦେଶର ସ୍ୱାଧୀନତା ଆନ୍ଦୋଳନ ଉପରେ ସେହି ଦେଶର ଜାତୀୟ ବୁର୍ଜୁଆମାନଙ୍କର ନେତୃତ୍ୱ ପ୍ରତିଷ୍ଠିତ ହୋଇଥିଲା। ସେହି ସବୁ ଦେଶର ଜାତୀୟ ବୁର୍ଜୁଆ ଶ୍ରେଣୀ ସାମ୍ରାଜ୍ୟବାଦୀ ମାନଙ୍କ ସହିତ ଆପୋଷ ମାଧ୍ୟମରେ କ୍ଷମତା ଦଖଲ କରି ଜନସାଧାରଣଙ୍କୁ ଚରମ ଦୁର୍ଦ୍ଦଶା ମଧ୍ୟରେ ନିକ୍ଷେପ କରିଥିଲା। ସେଥିପାଇଁ ଆଜି ଭାରତର ସାଧାରଣ ମଣିଷ ହାହାକାର କରୁଛି। ମାତ୍ର ମାଓ-ସେ-ତୁଙ୍ଗଙ୍କ ନେତୃତ୍ୱରେ ଚୀନ କମ୍ୟୁନିଷ୍ଟ ପାର୍ଟି ଏକ ସଂପୂର୍ଣ୍ଣ ନୂତନ ଧରଣର ରାଷ୍ଟ୍ର ବ୍ୟବସ୍ଥା ପ୍ରତିଷ୍ଠା କରି ସାମାଜକୁ ଉତ୍ତରୋତ୍ତର ପ୍ରଗତି ଓ ବିକାଶର ମାର୍ଗରେ ପରିଚାଳିତ କରିପାରିଥିଲା।

ବର୍ତ୍ତମାନ ଦେଖାଯାଉ ଚୀନ ଦେଶରେ ମାଓ-ସେ-ତୁଙ୍ଗଙ୍କ ନେତୃତ୍ୱରେ ସଂଗଠିତ ଜନଗଣତାନ୍ତ୍ରିକ ବିପ୍ଳବ ଓ ସେଠାରେ ପ୍ରତିଷ୍ଠିତ ହୋଇଥିବା ଜନଗଣତାନ୍ତ୍ରିକ ରାଷ୍ଟ୍ରର ଅର୍ଥନୀତି କ୍ଷେତ୍ରରେ କି ଧରଣର ବିଶେଷତ୍ୱ ରହିଥିଲା। ଚୀନ ବିପ୍ଳବ ଜରିଆରେ ଚୀନରେ ପ୍ରତିଷ୍ଠିତ ଜନଗଣତାନ୍ତ୍ରିକ ବା ମାଓ-ସେ-ତୁଙ୍ଗଙ୍କ ଭାଷାରେ ନୟା ଗଣତାନ୍ତ୍ରିକ ଅର୍ଥନୈତିକ ବ୍ୟବସ୍ଥାରେ ସର୍ବହରା ଶ୍ରେଣୀ ନେତୃତ୍ୱରେ ଏକ କେନ୍ଦ୍ରୀଭୂତ ଓ ଯୋଜନାବଦ୍ଧ ଉତ୍ପାଦନ ବ୍ୟବସ୍ଥା ପ୍ରତିଷ୍ଠା କରାଯାଇଥିଲା। ଏହାର ମୂଳ ଉଦ୍ଦେଶ୍ୟ ଥିଲା ସାମାଜିକ ଆବଶ୍ୟକତା ପୂରଣ କରିବା।

ମାତ୍ର ନଭେମ୍ବର ବିପ୍ଳବ ପରେ ସୋଭିଏତ୍ ୟୁନିୟନର ପ୍ରତିଷ୍ଠିତ ସମାଜବାଦୀ ବ୍ୟବସ୍ଥାଠାରୁ ଏହା ଥିଲା ଭିନ୍ନ ଧରଣର। ଚୀନର ଅର୍ଥନୈତିରେ ବିଭିନ୍ନ ପ୍ରକାର କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟିକ ସଂସ୍ଥା ଏବଂ ଶିଳ୍ପଗୁଡିକୁ ପ୍ରଥମେ ଉତ୍ସାହିତ କରାଯାଇଥିଲା। ମାତ୍ର ମୌଳିକ ଶିଳ୍ପ, ଯୋଗାଯୋଗ ବ୍ୟବସ୍ଥା, ବ୍ୟବସାୟ ବାଣିଜ୍ୟ ଇତ୍ୟାଦି ସଂପୂର୍ଣ୍ଣ ରାଷ୍ଟ୍ରର ନିୟନ୍ତ୍ରଣରେ ପରିଚାଳିତ ହେଉଥିଲା। କେବଳ କୃଷି କ୍ଷେତ୍ରରେ ବ୍ୟକ୍ତିଗତ ମାଲିକାନା ବଳବତ୍ତର ରହିଥିଲା। ଏହାଥିଲା ପୁଞ୍ଜିବାଦୀ ବ୍ୟବସ୍ଥା ଓ ସମାଜବାଦୀ ବ୍ୟବସ୍ଥା ମଧ୍ୟରେ ଏକ ମଧ୍ୟବର୍ତ୍ତୀକାଳୀନ ନୟା ଗଣତାନ୍ତ୍ରିକ ବା ଜନଗଣତାନ୍ତ୍ରିକ ଅର୍ଥନୈତିକ ବ୍ୟବସ୍ଥା। କିନ୍ତୁ ଦେଶର ବ୍ୟାପକ ସଂଖ୍ୟକ ଜନସାଧାରଣଙ୍କୁ କମ୍ୟୁନିଷ୍ଟ ଆଦର୍ଶ, ମୂଲ୍ୟବୋଧ ଓ ଅର୍ଥନୀତିର ଶ୍ରେଷ୍ଠତ୍ୱ ଦ୍ୱାରା ଉଦ୍‌ବୁଦ୍ଧ କରି ଧିରେ ଧିରେ ପଚାଶ ଦଶକର ମଧ୍ୟ ଭାଗରୁ କୃଷି, ବୟନ ଶିଳ୍ପ ଏବଂ ମଧ୍ୟମ ଧରଣର ଶିଳ୍ପ ଉପରୁ ବ୍ୟକ୍ତିଗତ ମାଲିକାନା ବିଲୋପ ପ୍ରକ୍ରିୟା ଆରମ୍ଭ କରାଯାଇଥିଲେ ମଧ୍ୟ କ୍ଷୁଦ୍ର ଶିଳ୍ପ ଉପରେ ବ୍ୟକ୍ତିଗତ ମାଲିକାନାକୁ ରାଷ୍ଟ୍ର ସ୍ୱୀକୃତି ଦେଇଥିଲା। କୃଷି କ୍ଷେତ୍ରରେ ସମବାୟ ବ୍ୟବସ୍ଥା ଆରମ୍ଭ କରାଗଲା ଓ ଏହା ସାରା ଦେଶରେ ଏକ ଶକ୍ତିଶାଳୀ ଆନ୍ଦୋଳନର ରୂପ ଗ୍ରହଣ କଲା। କୃଷକମାନଙ୍କର ଉଦ୍ୟୋଗରେ ସାରା ଦେଶରେ କୃଷି କମ୍ୟୁନମାନ ଗଢି ଉଠିଲା। ୧୯୫୭ ମସିହାବେଳକୁ ଜନଗଣତାନ୍ତ୍ରିକ ରାଷ୍ଟ୍ରଟିର ସମାଜବାଦୀ ରାଷ୍ଟ୍ର ପର୍ଯ୍ୟାୟକୁ ଉତ୍ତରଣ ପ୍ରକ୍ରିୟା ମୂଳତଃ ସଂପୂର୍ଣ୍ଣ ହୋଇଥିଲା। ଜନଗଣତାନ୍ତ୍ରିକ ରାଷ୍ଟ୍ରଟି ମଧ୍ୟ ସମାଜବାଦୀ ଚରିତ୍ର ପରିଗ୍ରହ କରିଥିଲା, ଅବଶ୍ୟ ଚାଇନାର ବିଶେଷତ୍ୱ ଗୁଡିକ ଏଥିରେ ବଳବତ୍ତର ରହିଥିଲା ଏବଂ ପ୍ରାଥମିକ ଅବସ୍ଥାରେ ଦେଶର ଅନ୍ୟାନ୍ୟ ରାଜନୈତିକ ଦଳ ଓ ଶକ୍ତିଗୁଡିକୁ ସରକାରରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଦିଆଯାଇଥିଲା। ଏହିଭଳି ଭାବରେ ଏକ ଅତ୍ୟନ୍ତ ଜଟିଳ ସଂଗ୍ରାମ ମଧ୍ୟ ଦେଇ ୧୯୬୦ ମସିହାବେଳକୁ ଚୀନ ସଂପୂର୍ଣ୍ଣ ଭାବରେ ସମାଜବାଦୀ ରାଷ୍ଟ୍ରରେ ପରିଣତ ହୋଇଥିଲା। ଏହି ଉତ୍ତରଣକୁ ରାଜନୈତିକ ପରିଭାଷାରେ କମ୍ରେଡ ମାଓ Great Leap Forward ବୋଲି ଆଖ୍ୟା ଦେଇଥିଲେ।

### ଐତିହାସିକ ସାଂସ୍କୃତିକ ବିପ୍ଳବ

ଚୀନର ସମାଜବାଦୀ ଅର୍ଥନୀତିର ଉତ୍ତୋରତ୍ତର ଉନ୍ନତି ଓ ବିକାଶ ସହିତ ଦେଶର ରାଜନୈତିକ କ୍ଷେତ୍ରରେ କେତେକ ଅସୁସ୍ଥ ସଂକେତ ଦେଖାଦେଲା। ପଚାଶ ଦଶକର ମଧ୍ୟଭାଗରୁ ହିଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଅର୍ଥନୈତିକ ଓ ସାଂସ୍କୃତିକ ପ୍ରଶ୍ନ ଉପରେ ସଠିକ ମାର୍କ୍ସବାଦୀ ଦୃଷ୍ଟିଭଙ୍ଗୀ ସଂକ୍ରାନ୍ତରେ ଦଳର କେନ୍ଦ୍ରୀୟ କମିଟି ମଧ୍ୟରେ ଗୁରୁତର ମତପାର୍ଥକ୍ୟ ସୃଷ୍ଟି ହୋଇଥିଲା। ଷାଠିଏ ଦଶକର ମଧ୍ୟଭାଗ ବେଳକୁ ଏହି ମତଭେଦ ଅତ୍ୟନ୍ତ ତୀବ୍ର ଆକାର ଧାରଣ କଲା। ଦଳର କେତେକ ତୁଙ୍ଗ ନେତା ସଂଶୋଧନବାଦୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇ ସମାଜବାଦୀ ଉତ୍ପାଦନ ବ୍ୟବସ୍ଥା, ଶିକ୍ଷାବ୍ୟବସ୍ଥା, ସଂସ୍କୃତି ଓ ରାଜନୀତି ସଂପର୍କରେ ଅଣମାର୍କ୍ସବାଦୀ ଧାରଣା ପୋଷଣ କରିବାକୁ ଲାଗିଲେ ଏବଂ ଦଳ ଓ ସରକାରରେ ନିଜର ପଦବୀର ଦୂରୁପଯୋଗ କରି ଭ୍ରମାତ୍ମକ ମତାମତ ପ୍ରଚାର କରିବା ଆରମ୍ଭ କଲେ।

କେନ୍ଦ୍ରୀୟ କମିଟିର ଜଣେ ଗୁରୁତ୍ୱପୂର୍ଣ୍ଣ ନେତା ଲିଓ-ସାଓ-ଚି ହିଁ ଏହି ଧରଣର ଭ୍ରମାତ୍ମକ ମତପୋଷଣ କରୁଥିଲେ। ଲିଓ-ସାଓ-ଚିଙ୍କ ମତରେ ଦଳର ବହୁ ବରିଷ୍ଠ ନେତା ପ୍ରଭାବିତ ହୋଇଥିଲେ ଏବଂ ଦଳ ଓ ସରକାରରେ ସେମାନଙ୍କର ନେତୃତ୍ୱକାରୀ ସ୍ଥାନର ଅପବ୍ୟବହାର କରି ସେମାନେ ସମଗ୍ର ପାର୍ଟି ମଧ୍ୟରେ ବିଭିନ୍ନ ମୌଳିକ ରାଜନୈତିକ ପ୍ରଶ୍ନ ଉପରେ ଅଣ ମାର୍କ୍ସବାଦୀ ଧାରଣ ପ୍ରଚାର କରିବାକୁ ଲାଗିଲେ। ପାର୍ଟିର ମୁଖପତ୍ର ସେହି ନେତାମାନଙ୍କ ନିୟନ୍ତ୍ରଣରେ ରହିଥିବାରୁ ମୁଖପତ୍ରରେ ସେମାନଙ୍କ ଇଛା ଓ ବୁଝାମଣା ମୁତାବକ ଲେଖାମାନ ପ୍ରକାଶ କରାଗଲା। ୧୯୬୫ ମସିହାରେ ପାର୍ଟିର କେନ୍ଦ୍ରୀୟ ମୁଖପତ୍ରରେ 'ତାଙ୍କ ପଦବୀରୁ ହାଇ ଯୁଇଙ୍କର ବହିଷ୍କାର' ଶିରୋନାମାରେ ଏକ ଲେଖା ପ୍ରକାଶିତ ହେଲା। ଏହି ଲେଖାଟିରେ ପ୍ରକାରାନ୍ତରେ ମାଓ-ସେ-ତୁଙ୍ଗଙ୍କ ମତାମତକୁ ହିଁ ସମାଲୋଚନା କରାଯାଇଥିଲା। ମାଓ-ସେ-ତୁଙ୍ଗ ଦଳର ସର୍ବୋଚ୍ଚ ନେତା ହୋଇଥିଲେ ମଧ୍ୟ ଉପରୋକ୍ତ ଲେଖା ଉପରେ ତାଙ୍କର ମତାମତକୁ ଦଳର ମୁଖପତ୍ରରେ ସ୍ଥାନ ଦିଆଗଲା ନାହିଁ। ଗଣତାନ୍ତ୍ରିକ କେନ୍ଦ୍ରୀକତାର ଆଧାରରେ ଗଢି ଉଠିଥିବା ଗୋଟିଏ କମ୍ୟୁନିଷ୍ଟ ପାର୍ଟି ପକ୍ଷରେ ସେତେବେଳେ ଏହା ଏକ ମାରାତ୍ମକ କ୍ଷତିକାରକ ଦିଗର ସୂଚନା ବହନ କରୁଥିଲା।

ଦଳ ମଧ୍ୟରେ ଲିଓ-ସାଓଚି ଓ ଡେଙ୍ଗ-ସିଆଓ-ପିଙ୍ଗଙ୍କ ଭଳି ବରିଷ୍ଠ ନେତାମାନେ କେବଳ ଏତିକିରେ କ୍ଷାନ୍ତ ହେଲେ ନାହିଁ। ଯେକୌଣସି ଉପାୟରେ ହେଲେ ମଧ୍ୟ ଉତ୍ପାଦନ ବୃଦ୍ଧିକରି ସମାଜରେ ପ୍ରାଚୁର୍ଯ୍ୟ ସୃଷ୍ଟି କରିବାପାଇଁ ସେମାନେ ପୁଞ୍ଜିବାଦୀ ରାସ୍ତାରେ ଆଗେଇବା ସପକ୍ଷରେ ଓକିଲାତି ଆରମ୍ଭ କଲେ। ପ୍ରଯୁକ୍ତିବିଦ୍ୟାର ବ୍ୟବହାର କ୍ଷେତ୍ରରେ କୌଣସି ରାଜନୈତିକ ଦୃଷ୍ଟିଭଙ୍ଗୀ ରହିବା ଉଚିତ ନୁହେଁ ଏବଂ ପ୍ରଯୁକ୍ତିବିଦ୍ୟା ରାଜନୀତି ଓ ଶ୍ରେଣୀ ଉର୍ଦ୍ଧ୍ୱରେ ଥିବା ଏକ ବିଷୟ ବୋଲି ମଧ୍ୟ ସେମାନେ ଯୁକ୍ତି କଲେ। ଚାଇନାର ଆଧୁନିକୀକରଣ କ୍ଷେତ୍ରରେ ଶ୍ରେଣୀ ସଂଗ୍ରାମର କୌଣସି ସ୍ଥାନ ନାହିଁ ବୋଲି ମଧ୍ୟ ସେମାନେ ଯୁକ୍ତି କରିବା ଆରମ୍ଭ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ଶୋଷିତ ଶ୍ରେଣୀର . . .

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

କଲେ। ମାଓ-ସେ-ତୁଂଙ୍କର ପ୍ରଖ୍ୟାତ ସ୍ଲୋଗାନ "ରାଜନୀତି ହିଁ ସମସ୍ତ କ୍ଷେତ୍ରରେ ସବୁଠାରୁ ମୂଳକଥା"(Politics in Command)କୁ ଏମାନେ ଅକାର୍ଯ୍ୟକାରୀ ବୋଲି ପ୍ରଚାର କରିବାକୁ ଲାଗିଲେ। ପଶ୍ଚିମୀ ଦେଶମାନଙ୍କ ସହିତ ପ୍ରତିଯୋଗିତା କରିବାପାଇଁ ଯେକୌଣସି ଉପାୟରେ ଉତ୍ପାଦନ ବୃଦ୍ଧି କରିବା ସପକ୍ଷରେ ଓକିଲାତି କଲେ। ଲିଓ-ସାଓଚି, ଡେଙ୍ଗ ଏବଂ ରାଷ୍ଟ୍ରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା କେତେକ ନେତା ବିପ୍ଳବୀ ରାଜନୀତିର ମୂଳ ନିର୍ଯ୍ୟାସକୁ ଭୁଲିଯାଇ ଅମଲାତାନ୍ତ୍ରିକ ତାର ପ୍ରଭାବରେ ପ୍ରଭାବିତ ହେବାକୁ ଲାଗିଲେ। ପାର୍ଟିର ଗୁରୁତ୍ୱପୂର୍ଣ୍ଣ କମ୍ରେଡମାନଙ୍କ ମଧ୍ୟରେ ଏହିସବୁ ଅଣମାର୍କ୍ସବାଦୀ ପ୍ରବଣତା ମାଓ-ସେ-ତୁଂଙ୍କ ଦୃଷ୍ଟି ଏଡାଇ ଯାଇପାରି ନଥିଲା। କମ୍ରେଡ୍ ଷ୍ଟାଲିନଙ୍କ ମୃତ୍ୟୁ ପରେ କ୍ରୁଶ୍ଚେଭଙ୍କ ନେତୃତ୍ୱରେ ସଂଶୋଧନବାଦୀ ଗୋଷ୍ଠୀ ସୋଭିଏତ୍ ୟୁନିୟନ କମ୍ୟୁନିଷ୍ଟ ପାର୍ଟିର ନେତୃତ୍ୱକୁ ଅକ୍ତିଆର କରି ସମଗ୍ର ପାର୍ଟିକୁ ସଂଶୋଧନବାଦୀ ରାସ୍ତାରେ ପରିଚାଳିତ କରିଥିବାର ଅଭିଜ୍ଞତାରୁ ଚୀନ କମ୍ୟୁନିଷ୍ଟ ପାର୍ଟିରେ ଦେଖାଦେଇଥିବା ମାରାତ୍ମକ ସଂଶୋଧନବାଦୀ ପ୍ରବଣତା ବିରୁଦ୍ଧରେ ସମଗ୍ର ପାର୍ଟି ଓ ଜନସାଧାରଣଙ୍କୁ ସଂଶ୍ଳିଷ୍ଟ କରି ଶକ୍ତିଶାଳୀ ରାଜନୈତିକ ଆନ୍ଦୋଳନ ଗଢି ତୋଳିବା ପାଇଁ ମାଓ-ସେ-ତୁଙ୍ଗ ପରିକଳ୍ପନା କରିଥିଲେ। ଏହା ହିଁ ପରବର୍ତ୍ତି ସମୟରେ ମହାନ ସାଂସ୍କୃତିକ ବିପ୍ଳବ(Cultural Revolution) ଭାବରେ ଅଭିହିତ ହୋଇଥିଲା।

୧୯୬୬ ମସିହା ଅଗଷ୍ଟ ମାସ ୮ ତାରିଖରେ ଚୀନ କମ୍ୟୁନିଷ୍ଟ ପାର୍ଟିର କେନ୍ଦ୍ରୀୟ କମିଟି ଔପଚାରିକ ଭାବରେ ସାଂସ୍କୃତିକ ବିପ୍ଳବର କର୍ମସୂଚୀ ଘୋଷଣା କଲା। ଏହାଥିଲା ବିଶ୍ୱ ଇତିହାସରେ ଅନନ୍ୟ ଓ ନଜୀର ବିହୀନ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ସଂଗ୍ରାମ। ପାର୍ଟିର ସମସ୍ତ ସ୍ତରର କର୍ମୀ ଓ ଦେଶର ସମଗ୍ର ଜନସାଧାରଣଙ୍କୁ ସଂଶ୍ଳିଷ୍ଟ କରି ଆରମ୍ଭ ହୋଇଥିଲା ଖୋଲା ଖୋଲି ସମାଲୋଚନା-ଆତ୍ମ ସମାଲୋଚନା ପ୍ରକ୍ରିୟା। ଚୀନ କମ୍ୟୁନିଷ୍ଟ ପାର୍ଟିର ଏହି ଆହ୍ୱାନକୁ ଚୀନର ଜନସାଧାରଣ ସ୍ୱାଗତ କରିଥିଲେ ଏବଂ ମହାନ ସାଂସ୍କୃତିକ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ବିଶ୍ୱ ଇତିହାସରେ କମ୍ରେଡ ମାଓ-ସେ-ତୁଙ୍ଗଙ୍କ ନେତୃତ୍ୱରେ ପରିଚାଳିତ ଏହି ବିରାଟ ତାତ୍ପର୍ଯ୍ୟ ବହନକାରୀ ମହାନ ଆନ୍ଦୋଳନ ଥିଲା ସଂପୂର୍ଣ୍ଣ ନୂତନ।

୧୯୬୬ ରୁ ୧୯୬୯ ମଧ୍ୟରେ ଚୀନ ଦେଶର ଏକ ପ୍ରାନ୍ତରୁ ଅନ୍ୟପ୍ରାନ୍ତ ପର୍ଯ୍ୟନ୍ତ ବ୍ୟାପକ ରାଜନୈତିକ କର୍ମକାଣ୍ଡର ଜୁଆର ସୃଷ୍ଟି ହେଲା। ମାଓ-ସେ-ତୁଙ୍ଗ ପ୍ରାଞ୍ଜଳ ଭାବରେ ଦର୍ଶାଇଥିଲେ ଯେ, ବୁର୍ଜୁଆ ଶ୍ରେଣୀ କ୍ଷମତାରୁ ଉତ୍ଖାତ ହୋଇଥିଲେ ମଧ୍ୟ ଚିନ୍ତା କ୍ଷେତ୍ରରେ ବୁର୍ଜୁଆ ଚିନ୍ତାଭାବନା, ଆଚାର ଆଚରଣ ଓ ରୁଚି ସଂସ୍କୃତି ଏବେ ବି ବଳବତ୍ତର ରହିଛି ଏବଂ ଏହାକୁ ବ୍ୟବହାର କରି ବୁର୍ଜୁଆ ଶ୍ରେଣୀ ପୁଣି ଥରେ କ୍ଷମତାକୁ ଫେରିବାକୁ ଉଦ୍ୟମ କରୁଛି। ସମଗ୍ର ଦେଶର ଜନସାଧାରଣଙ୍କ ଚିନ୍ତା ଚେତନା ମଧ୍ୟରୁ ଏହି ବୁର୍ଜୁଆ ସଂସ୍କୃତିର ପ୍ରଭାବକୁ ପ୍ରତିହତ କରିବା ହିଁ ଥିଲା ସାଂସ୍କୃତିକ ବିପ୍ଳବର ମୂଳ ଉଦ୍ଦେଶ୍ୟ। ଏହି ଆନ୍ଦୋଳନ ମାଧ୍ୟମରେ ଦଳ ମଧ୍ୟରେ ଦେଖାଦେଇଥିବା ମତବାଦିକ ଭିନ୍ନତା ଏବଂ ଆଦର୍ଶଗତ ସଂଗ୍ରାମର ମୀମାଂସା କରି ଦଳ ମଧ୍ୟରେ ସଠିକ୍ ବିପ୍ଳବୀ ଧାରାକୁ ପ୍ରତିଷ୍ଠା କରିବା ପାଇଁ ମାଓ-ସେ-ତୁଙ୍ଗ ଉଦ୍ୟମ କରିଥିଲେ।

ଏହି ସାଂସ୍କୃତିକ ବିପ୍ଳବ ଜରିଆରେ ହିଁ ଶେଷ ପର୍ଯ୍ୟନ୍ତ ଲିଓ-ସାଓ-ଚି ଓ ଡେଙ୍ଗ-ସିଆ-ଓପିଂ ପ୍ରମୁଖ ନେତାମାନେ ପୋଷଣ କରୁଥିବା ଭ୍ରାମାତ୍ମକ ଧାରଣାକୁ ଦେଶର ଜନସାଧାରଣଙ୍କ ସମ୍ମୁଖରେ ପ୍ରାଞ୍ଜଳ ଭାବରେ ତୋଳି ଧରାଯାଇଥିଲା ଏବଂ ନିଜର ତ୍ରୁଟି ସ୍ୱୀକାର ନ କରିବାରୁ ୧୯୬୯ ମସିହାରେ ଏହି ଦୁଇ ନେତାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ଏହି ଦୁଇ ନେତାଙ୍କୁ ବହିଷ୍କାର କଲାବେଳେ ମାଓ କହିଥିଲେ ଯେ, 'ପାର୍ଟି ମଧ୍ୟରେ ପୁଞ୍ଜିବାଦୀ ରାସ୍ତାରେ ଚାଲୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ସଂଗ୍ରାମ ହେଉଛି ଆମର ମୁଖ୍ୟ ଉଦ୍ଦେଶ୍ୟ। ମାତ୍ର ଏହା ଆମର ଶେଷ ଲକ୍ଷ୍ୟ ନୁହେଁ। ଆମର ଲକ୍ଷ୍ୟ ହେଉଛି ଦଳର କର୍ମୀ ଓ ଜନସାଧାରଣଙ୍କ ମଧ୍ୟରେ ସର୍ବହରା ବିଶ୍ୱ ଦୃଷ୍ଟିଭଙ୍ଗୀ ଗଢି ଉଠିବା କ୍ଷେତ୍ରରେ ଥିବା ବାଧା ପ୍ରତିବନ୍ଧକ ଦୂର କରିବା ଓ ସଂଶୋଧନବାଦକୁ ତତ୍ତ୍ୱଗତ ଓ ସାଙ୍ଗଠନିକ ଦିଗରୁ ପରାସ୍ତ କରିବା।'

ଏହିଭଳି ମହାନ ଓ ବିଶାଳ ସାଂସ୍କୃତିକ ବିପ୍ଳବ ଜରିଆରେ ପାର୍ଟି ମଧ୍ୟରେ ସଂଶୋଧନବାଦୀ ଧାରାକୁ ପ୍ରତିହତ କରି ମାଓ-ସେ-ତୁଙ୍କ ନେତୃତ୍ୱରେ ପରିଚାଳିତ ଚୀନ କମ୍ୟୁନିଷ୍ଟ ପାର୍ଟି ଚୀନରେ ସମାଜବାଦୀ ବ୍ୟବସ୍ଥାକୁ ସୁଦୃଢ କରିବା କ୍ଷେତ୍ରରେ ଯଥାଯୋଗ୍ୟ ଭୂମିକା ପାଳନ କରିଥିଲା। ଏଥିପାଇଁ ଏହି ଅନନ୍ୟ ସଂଗ୍ରାମ ମଧ୍ୟରେ ରହିଥିବା କେତେକ ଆଦର୍ଶଗତ ସୀମାବଦ୍ଧତା ଓ ତ୍ରୁଟି ସଂପର୍କରେ ଆଲୋଚନା କରିଥିଲେ ମଧ୍ୟ ଏ ଯୁଗର ଅନ୍ୟତମ ମହାନ ମାର୍କ୍ସବାଦୀ ଦାର୍ଶନିକ ତଥା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ପ୍ରତିଷ୍ଠାତା ସାଧାରଣ ସଂପାଦକ କମ୍ରେଡ ଶିବଦାସ ଘୋଷ ଚୀନର ଏହି ସାଂସ୍କୃତିକ ବିପ୍ଳବକୁ ବିଶ୍ଳେଷଣ କରିବାକୁ ଯାଇ ଏହା 'ମହାନ'(Magnificent) ବୋଲି ମତବ୍ୟକ୍ତ କରିଥିଲେ।

ପରିଣତ ବୟସରେ ମଧ୍ୟ ୧୯୭୬ ମସିହାରେ ଚୀନରେ ଘଟିଯାଇଥିବା ଶତାବ୍ଦୀର ସବୁଠାରୁ ଭୟାଭୟ ଭୂମିକମ୍ପ ପ୍ରପୀଡିତ ଜନସାଧାରଣଙ୍କ ମଧ୍ୟରେ ରିଲିଫ୍ ଓ ପୁନଃବାସ କାର୍ଯ୍ୟ ବ୍ୟକ୍ତିଗତ ଭାବରେ ତଦାରଖ କରୁଥିଲାବେଳେ ୮୩ବର୍ଷ ବୟସରେ କମ୍ରେଡ୍ ମାଓ-ସେ-ତୁଙ୍ଗଙ୍କର ମୃତ୍ୟୁ ହୋଇଥିଲା।

ଚୀନ ଦେଶର ବାସ୍ତବ ପରିସ୍ଥିତିର ବିଜ୍ଞାନ ସମ୍ମତ ବିଶ୍ଳେଷଣ ଓ ସେହି ବିଶେଷ ପରିସ୍ଥିତିରେ ମାର୍କ୍ସବାଦୀ-ଲେନିନ୍‌ବାଦୀ ବିଜ୍ଞାନର ସୃଜନଶୀଳ ପ୍ରୟୋଗ, ବିଶେଷକରି ଦ୍ୱନ୍ଦ୍ୱତତ୍ତ୍ୱ ଓ ଯୁକ୍ତଫ୍ରଣ୍ଟ ନୀତିକୁ ବିପ୍ଳବୀ ଦୂରଦୃଷ୍ଟି, ଗଭୀର ପ୍ରଜ୍ଞା ଓ ପ୍ରଚଣ୍ଡ ବିପ୍ଳବୀ ପାରଦର୍ଶିତାର ସହ ସଫଳ ଭାବରେ ରୂପାୟିତ କରିବା ସଙ୍ଗେ ସଙ୍ଗେ ଷ୍ଟାଲିନ ବର୍ଣ୍ଣିତ ଜନଗଣତାନ୍ତ୍ରିକ ବିପ୍ଳବ ବା ନୟା ଗଣତାନ୍ତ୍ରିକ ବିପ୍ଳବ ସଫଳ କରିବା ଓ ଜୀବନର ଶେଷ ଦିନ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ସଂଶୋଧନ ବାଦ, ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ବିଚ୍ୟୁତି, ପାର୍ଟି ମଧ୍ୟରେ ଅମଲାତାନ୍ତ୍ରିକତା ପ୍ରଭୃତି ଅଣମାର୍କ୍ସବାଦୀ ପ୍ରବଣତା ବିରୁଦ୍ଧରେ ଶକ୍ତିଶାଳୀ ସଂଗ୍ରାମ ପରିଚାଳନା ମଧ୍ୟ ଦେଇ ମହାନ ନେତା କମ୍ରେଡ ମାଓ-ସେ-ତୁଙ୍ଗ ମାର୍କ୍ସ, ଏଙ୍ଗେଲ୍ସ, ଲେନିନ୍ ଓ ଷ୍ଟାଲିନଙ୍କ ପରେ ଏ ଯୁଗର ଅନ୍ୟତମ ଶ୍ରେଷ୍ଠ ମାର୍କ୍ସବାଦୀ ଚିନ୍ତା ନାୟକ ଭାବରେ ଆବିର୍ଭୂତ ହୋଇଛନ୍ତି। ପ୍ରଚଣ୍ଡ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ବିପ୍ଳବୀମାନେ ମହାନ ମାର୍କ୍ସବାଦୀ ବିଜ୍ଞାନର ସୃଜନଶୀଳ ପ୍ରୟୋଗ ମାଧ୍ୟମରେ କିଭଳି ଅଗ୍ରଗତି କରି ଶେଷରେ ସଫଳତା ହାସଲ କରିପାରିବେ ତାର ଅନନ୍ୟ ଉଦାହରଣ ହେଉଛି କମ୍ରେଡ ମାଓ-ସେ-ତୁଙ୍ଗଙ୍କର ବିଶାଳ କର୍ମମୟ ଜୀବନର ନିରବଚ୍ଛିନ୍ନ, ଅସାଧାରଣ ଓ ନଜୀର ବିହୀନ ସଂଗ୍ରାମ। ମାଓ-ସେ-ତୁଙ୍ଗଙ୍କ ଜୀବନ ସଂଗ୍ରାମ ସମାଜରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ସଂଗ୍ରାମରତ ପ୍ରତ୍ୟେକ ବିପ୍ଳବୀଙ୍କ ପାଇଁ ପ୍ରେରଣାର ଜୀବନ୍ତ ଉତ୍ସ ଭାବରେ କାମ କରି ଚାଲିଛି।

★ ★ ★

## ଶିକ୍ଷା କ୍ଷେତ୍ରରେ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ପ୍ରକାଶିତ ହୋଇଥିଲା। ଏହାପରେ ଚାରୋଟି ଦଫାରେ ସମଗ୍ର ରାଜ୍ୟରେ ମୋଟ ୧୯ହଜାର ୧୫୨ଟି ଆସନ ପୂରଣ କରାଯାଇଥିଲେ ମଧ୍ୟ ଏବେ ବି ୧୦ହଜାରରୁ ଅଧିକ ଆସନ ପୂରଣ ହୋଇନାହିଁ।

ସେହିଭଳି ସ୍ନାତକ ଶ୍ରେଣୀ ପାଇଁ ରାଜ୍ୟର ୧୦୫୯ଟି ଶିକ୍ଷାନୁଷ୍ଠାନରେ ୨ଲକ୍ଷ ୭୪ହଜାର ୨୩୪ଟି ଆସନ ରହିଛି। ମାତ୍ର ଏବେ ସୁଦ୍ଧା ୭୧ହଜାର ୪୪୬ଟି ଆସନ ଖାଲି ପଡିଛି। ଖାଲିପଡିଥିବା ଏହି ଆସନ ମଧ୍ୟରେ କଳାରେ ୨୮ ହଜାର ୫୪୨, ବିଜ୍ଞାନରେ ୨୩ ହଜାର ୨୩୪, ବାଣିଜ୍ୟରେ ପ୍ରାୟ ୧୪ହଜାର ଏବଂ ବିଭିନ୍ନ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ ୨ହଜାରରୁ ଅଧିକ ଆସନ ଖାଲି ପଡିଛି। ସ୍ନାତକ ଶ୍ରେଣୀପାଇଁ ଜୁଲାଇ ମାସରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିଲା ଏବଂ ପ୍ରଥମ ଦଫାରେ ନାମଲେଖାଇଥିବା ପିଲାଙ୍କ ପାଠପଢା ଅଗଷ୍ଟ ୧ତାରିଖରୁ ଆରମ୍ଭ ହୋଇଛି। ମାତ୍ର ପାଠପଢା ଆରମ୍ଭ ହେବାର ୨ମାସ ପରେ ମଧ୍ୟ ନାମଲେଖା ପ୍ରକ୍ରିୟା ଶେଷ ହୋଇନାହିଁ।

ଏଠାରେ ସୂଚନାଯୋଗ୍ୟ ୟୁଜିସିର ନିର୍ଦ୍ଦେଶ ଅନୁଯାୟୀ ବର୍ତ୍ତମାନ ସମଗ୍ର ରାଜ୍ୟରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ସେମିଷ୍ଟାର ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଏହି ବ୍ୟବସ୍ଥା ଅନୁଯାୟୀ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ନଭେମ୍ବର ମାସ ସୁଦ୍ଧା ପ୍ରଥମ ସେମିଷ୍ଟାର ପରୀକ୍ଷା କରାଯାଉଛି। ପୁଣି ପ୍ରତ୍ୟେକ ସେମିଷ୍ଟାର ମଧ୍ୟରେ ଗୋଟିଏ ଲେଖାଏଁ ମିଡ୍ ସେମିଷ୍ଟାର ପରୀକ୍ଷା କରାଯାଉଛି। ଏପରିକି ପ୍ରଥମ ଇଣ୍ଟରନାଲ ସେମିଷ୍ଟାର ପାଇଁ ଇତିମଧ୍ୟରେ ନୋଟିସ ମଧ୍ୟ ଜାରି କରାଯାଇଛି। ମାତ୍ର ଅନ୍ୟପଟରେ ନାମଲେଖା ପ୍ରକ୍ରିୟା ଏବେ ମଧ୍ୟ ଶେଷ ହୋଇନାହିଁ। ଏହି ପ୍ରକ୍ରିୟା କେବେ ଶେଷ ହେବ ଏବଂ ବିଳମ୍ବରେ ନାମ ଲେଖାଉଥିବା ପିଲାଙ୍କ ପାଠପଢା କିଭଳି ହେବ ତାର ଉତ୍ତର କାହାରି ପାଖରେ ନାହିଁ। ଏହି ସମସ୍ୟା ଯେ କେବଳ ଚଳିତବର୍ଷ ସୃଷ୍ଟି ହୋଇଛି, ତା' ନୁହେଁ। ବିଗତ ୧୨/୧୪ବର୍ଷ ଧରି କେନ୍ଦ୍ରୀକୃତ ନାମଲେଖା ବ୍ୟବସ୍ଥା ଚାଲୁକରାଯିବା ପରଠାରୁ ଏହି ସମସ୍ୟା ଦେଖିବାକୁ ମିଳୁଛି ଏବଂ ଦିନକୁ ଦିନ ଏହି ସଂକଟ ଗଭୀରରୁ ଗଭୀରତର ହେଉଛି। ପ୍ରତିବର୍ଷ ଉଚ୍ଚଶିକ୍ଷା କ୍ଷେତ୍ରରେ ହଜାର ହଜାର ସିଟ୍ ଖାଲି ପଡୁଛି। ବିଳମ୍ବରେ ନାମ ଲେଖାଉଥିବା ପିଲାଙ୍କ ପାଠପଢା ଗୁରୁତର ଭାବରେ ବ୍ୟାହତ ହେଉଛି। ମାତ୍ର ଏହି ସଂକଟ ଦୂର କରିବାପାଇଁ ସରକାରଙ୍କ ପକ୍ଷରୁ କୌଣସି ଉଦ୍ୟମ ନାହିଁ। ବରଂ ଶିକ୍ଷାର ସମସ୍ତ କ୍ଷେତ୍ରରେ ଅଧିକରୁ ଅଧିକ କେନ୍ଦ୍ରୀକରଣ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହାଫଳରେ ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି।

ଏହି ପ୍ରସଙ୍ଗରେ ଆମେ ପୂର୍ବରୁ ଉଲ୍ଲେଖ କରିବାକୁ କରିଛୁ ଯେ, ସାମ୍ସ ଜରିଆରେ ରାଜ୍ୟରେ ଏହି କେନ୍ଦ୍ରୀକୃତ ନାମଲେଖା ବ୍ୟବସ୍ଥା ସର୍ବପ୍ରଥମେ ୨୦୦୯-୧୦ ଶିକ୍ଷାବର୍ଷରେ ସୀମିତ ସ୍ତରରେ ଆରମ୍ଭ କରାଯାଇଥିଲା। ଏହି ବର୍ଷ ରାଜ୍ୟର ୬୦ଟି +୨ କଲେଜରେ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ୨୦୧୦-୧୧ ଶିକ୍ଷାବର୍ଷରେ ରାଜ୍ୟରେ ସମସ୍ତ +୨କଲେଜ ଓ ୧୬୨ଟି ଡିଗ୍ରୀ କଲେଜରେ ନାମଲେଖା ବ୍ୟବସ୍ଥାକୁ ସାମସ୍ ଅଧିନକୁ ଅଣାଗଲା। ୨୦୧୩-୧୪ ଶିକ୍ଷା ବର୍ଷଠାରୁ ରାଜ୍ୟର ସମସ୍ତ +୨ ଓ ଡିଗ୍ରୀ କଲେଜରେ ଏହି ବ୍ୟବସ୍ଥା ଚାଲୁ କରାଯାଇଛି। ଗତ ୧୦ବର୍ଷ ଧରି ଚାଲିଥିବା ଏହି ବ୍ୟବସ୍ଥା ଫଳରେ ନାମଲେଖା ଓ ପାଠପଢା କ୍ଷେତ୍ରରେ ବ୍ୟାପକ ଅବ୍ୟବସ୍ଥା ଓ ଅରାଜକତା ଦେଖା ଦେଇଥିଲେ ମଧ୍ୟ ସରକାର ଏହାର ନିରାକରଣ କରିବା ପାଇଁ କୌଣସି ବ୍ୟବସ୍ଥା କରିନାହାନ୍ତି। ୨୦୧୨ ମସିହାରେ ସାରା ଭାରତ ଶିକ୍ଷା ବଂଚାଓ କମିଟି ପକ୍ଷରୁ ରୁଜ୍ଜୁ କରାଯାଇଥିବା ଏକ ଜନସ୍ୱାର୍ଥ ସମ୍ବଳିତ ମାମଲାରେ ହାଇକୋର୍ଟ ସାମ୍ସ ଜରିଆରେ ଇ-ଆଡମିସନ୍ ସହିତ ପାରମ୍ପରିକ ନାମଲେଖା ବ୍ୟବସ୍ଥା ବଳବତ୍ତର ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସରକାର ଏହି ରାୟକୁ ଅମାନ୍ୟ କରିଚାଲିଛନ୍ତି। କେବଳ ସେତିକି ନୁହେଁ ସ୍ନାତକୋତ୍ତର ଶ୍ରେଣୀରେ ମଧ୍ୟ ନାମଲେଖା ପାଇଁ କେନ୍ଦ୍ରୀକୃତ ବ୍ୟବସ୍ଥା କରାଯାଇଛି।

ଏହି ପ୍ରସଙ୍ଗରେ ଆମେ ଉଲ୍ଲେଖ କରିବାକୁ ଚାହୁଁ ଯେ ୨୦୦୯-୧୦ ଶିକ୍ଷାବର୍ଷ ପୂର୍ବରୁ ରାଜ୍ୟର ପ୍ରତ୍ୟେକ +୨, +୩ କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ୱାଧୀନ ଭାବରେ ନିଜ ନିଜର ନାମଲେଖା ପ୍ରକ୍ରିୟା ପରିଚାଳନା କରୁଥିଲେ। ସେ ସମୟରେ ସରକାରୀ ନିୟମ ଅନୁଯାୟୀ ପରୀକ୍ଷା ଫଳ ବାହାରିବାର ୪୫ଦିନ ମଧ୍ୟରେ ନାମଲେଖା ପ୍ରକ୍ରିୟା ସଂପୂର୍ଣ୍ଣ ଶେଷ ହେଉଥିଲା ଏବଂ ପାଠପଢା ଆରମ୍ଭ ହେଉଥିଲା। ଅର୍ଥାତ୍ ମ୍ୟାଟ୍ରିକ ପରୀକ୍ଷା ଫଳ ବାହାରିବାର ୪୫ଦିନ ମଧ୍ୟରେ +୨ ଓ +୨ପରୀକ୍ଷା ଫଳ ବାହାରିବାର ୪୫ଦିନ ମଧ୍ୟରେ +୩ ଶ୍ରେଣୀରେ ପାଠପଢା ଆରମ୍ଭ ହେଉଥିଲା। ସେହିଭଳି +୩ ପରୀକ୍ଷା ଫଳ ବାହାରିବାର ୪୫ଦିନ ମଧ୍ୟରେ ଏମ୍‌ଏ କ୍ଲାସରେ ପଠାପଢା ଆରମ୍ଭ ହେବା ବାଧ୍ୟତାମୂଳକ ଥିଲା। ମାତ୍ର ନାମଲେଖା ପ୍ରକ୍ରିୟାକୁ ସରଳ କରିବା, ତ୍ରୁଟି ମୁକ୍ତ କରିବା ଓ ଅନେକଗୁଡିଏ କଲେଜରେ ଫର୍ମ ପକାଇବା ପାଇଁ କରିବାକୁ ହେଉଥିବା ଖର୍ଚ୍ଚ ବୋଝରୁ ଛାତ୍ର ଛାତ୍ରୀମାନଙ୍କୁ ନିସ୍ତାର ଦେବାର ଘୋଷିତ ଲକ୍ଷ୍ୟରେ ଚାଲୁ କରାଯାଇଥିବା କେନ୍ଦ୍ରୀକୃତ ନାମଲେଖା ପ୍ରକ୍ରିୟା ଛାତ୍ରଛାତ୍ରୀ ମାନଙ୍କୁ ମହଜଗଠାରୁ ନେଇ କାନ୍ତାରରେ ପକାଇଛି। ନାମଲେଖାରେ ଅହେତୁକ ବିଳମ୍ବ ବ୍ୟତୀତ କମ୍ପ୍ୟୁଟର ଓ ଇଣ୍ଟରନେଟ୍ ନଥିବା ରାଜ୍ୟର ହଜାର ହଜାର ଗାଁ, ଅଂଚଳ ଓ ପରିବାରର ପିଲାଙ୍କୁ ଖର୍ଚ୍ଚାନ୍ତ ହୋଇ ସାମ୍ସ ସେଣ୍ଟରକୁ ବାରବାର ଆସିବାକୁ ପଡୁଛି। ଅନ୍ୟପଟରେ ଏହି ନାମଲେଖା ପ୍ରକ୍ରିୟାକୁ ପରିଚାଳନା କରୁଥିବା ଘରୋଇ କମ୍ପାନୀମାନେ ପ୍ରତିବର୍ଷ ଶହ ଶହ କୋଟି ଟଙ୍କା ମୁନାଫା ଲୁଟ୍ କରୁଛନ୍ତି। କହିବା ବାହୁଲ୍ୟ ଏହିସବୁ ଘରୋଇ ସଂସ୍ଥାମାନେ ଶକ୍ତିଶାଳୀ ରାଜନେତା ଓ ପଦସ୍ଥ ଅମଲା ମାନଙ୍କର ଅନୁଗ୍ରହରୁ ହିଁ ଏହି ଧରଣର ସୁଯୋଗ ପାଇଛନ୍ତି।

ତେବେ ନାମଲେଖା କ୍ଷେତ୍ରରେ ଏହି ଧରଣର କେନ୍ଦ୍ରୀକରଣ ଓ ସେହି କାରଣରୁ ନାମଲେଖା ଓ ଶିକ୍ଷାଦାନ କ୍ଷେତ୍ରରେ ଦେଖା ଦେଉଥିବା ଅବ୍ୟବସ୍ଥା କେବଳ ଆମ ରାଜ୍ୟ ମଧ୍ୟରେ ସୀମିତ ନୁହେଁ କିମ୍ବା ଏହା ଏକ ବିଚ୍ଛିନ୍ନ ଘଟଣା ନୁହେଁ। ପ୍ରଥମେ କଂଗ୍ରେସ ଦଳ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ଉପା ସରକାର ଦ୍ୱାରା ଆରମ୍ଭ କରାଯାଇଥିବା ଏବଂ ପରବର୍ତ୍ତି ସମୟରେ କେନ୍ଦ୍ର ବିଜେପି ସରକାର ଦ୍ୱାରା ଯୋଜନାବଦ୍ଧ ଭାବରେ ସୃଷ୍ଟି କରାଯାଇଥିବା ଏହା ଏକ ସର୍ବଭାରତୀୟ ସଂକଟ। ଦେଶର ସମସ୍ତ ରାଜ୍ୟରେ ଏହି ସଂକଟ ସୃଷ୍ଟି କରାଯାଇଛି। କେବଳ ରାଜ୍ୟ ସରକାର ମାନଙ୍କର ପରିଚାଳନାଧିନ ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନ ନୁହେଁ ଏହି କେନ୍ଦ୍ରୀକରଣ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନଙ୍କର ଶିକ୍ଷା ବ୍ୟବସ୍ଥାକୁ ମଧ୍ୟ ଧ୍ୱଂସ ମୁହାଁ କରାଇଛି।

ଉଲ୍ଲେଖ ଯୋଗ୍ୟ ଠିକ୍ ଆମ ରାଜ୍ୟ ଭଳି ୨୦୧୦-୧୧ ମସିହାରେ ଦେଶର ୭ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଏକକ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଏହି କେନ୍ଦ୍ରୀକୃତ ନାମଲେଖା ବ୍ୟବସ୍ଥା ପରୀକ୍ଷାମୂଳକ ଆରମ୍ଭ କରାଯାଇଥିଲା। ଏହାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସାଧାରଣ ପ୍ରବେଶିକା ପରୀକ୍ଷା(Central University Common Entrance Test-CUCET) କୁହାଯାଉଥିଲା।

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)

## ଏଆଇଡିଏସଓ ଉଦ୍ୟୋଗରେ
# ଚତୁର୍ଥ ବଲାଙ୍ଗୀର ଜିଲ୍ଲାସ୍ତରୀୟ ଛାତ୍ର ସମ୍ମିଳନୀ ଉଦଯାପିତ




ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମେତ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନରେ ଅଧ୍ୟାପକ, କର୍ମଚାରୀ ପଦବୀ ପୂରଣ କରିବା, ଜିଲ୍ଲାର ଅନୁଦାନପ୍ରାପ୍ତ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଗୁଡିକରେ ଖାଲି ପଡିଥିବା ଶିକ୍ଷକ, କର୍ମଚାରୀ ପଦବୀ ସ୍ଥାୟୀ ଭିତ୍ତିରେ ପୁରଣ କରିବା, ଜିଲ୍ଲାରେ ବନ୍ଦ ହୋଇଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟ ତୁରନ୍ତ ଖୋଲିବା, ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଫ୍ରି ବସ୍ ପାସ୍ ଯୋଗାଇ ଦେବା, ବଲାଙ୍ଗିରରେ ସରକାରୀ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପ୍ରଭୃତି ଦାବିରେ ସେପ୍ଟେମ୍ବର ୨୨ତାରିଖରେ ବଲାଙ୍ଗୀର ଜିଲ୍ଲାସ୍ତରୀୟ ଛାତ୍ର ସମ୍ମିଳନୀ ଏଆଇଡିଏସଓ ଉଦ୍ୟୋଗରେ ଗାନ୍ଧୀ ଷ୍ଟାଡିୟମର ପ୍ୟାଭିଲିୟାନଠାରେ ଅନୁଷ୍ଠିତ ହୋଇଯାଇଛି। ଏଆଇଡିଏସଓ ରାଜ୍ୟ ଉପ-ସଭାପତି କମ୍ରେଡ ସୁନିଲ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଏସୟୁସିଆଇ(ସି) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ଅଶୋକ ମିଶ୍ର ମୁଖ୍ୟ ଅତିଥି, ଏଆଇଡିଏସଓ ରାଜ୍ୟ ସମ୍ପାଦକ କମ୍ରେଡ ସିଦ୍ଧାର୍ଥ ରଥ ମୁଖ୍ୟ ବକ୍ତା ଓ ଏଆଇଡିଏସଓ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ନାରାୟଣ ନାୟକ ଅନ୍ୟତମ ବକ୍ତାଭାବରେ ବକ୍ତବ୍ୟ ରଖିଥିଲେ। ସମ୍ମିଳନୀରେ କମ୍ରେଡ ମଧୁସୂଦନ ବାଗ ସଭାପତି, ଗୌରୀ ରାଉତ ସମ୍ପାଦିକା, ଅହଲ୍ୟା ସାହୁ ଉପ-ସଭାପତି ଓ ଅନନ୍ୟା ଦାନି କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲେ। ଏହାବ୍ୟତୀତ ଏକ ୨୪ ଜଣିଆ ଏଆଇଡିଏସଓର ବଲାଙ୍ଗୀର ଜିଲ୍ଲା କମିଟି ନିର୍ବାଚିତ ହୋଇଥିଲା।

## କୋଲକାତାର ଆର.ଜି. କର ଘଟଣା ପ୍ରତିବାଦରେ ତଥା ଛାତ୍ରୀ ଓ ମହିଳାମାନଙ୍କ ସୁରକ୍ଷା ଦାବିରେ କନଭେନସନ




କୋଲକାତାସ୍ଥ ଆର.ଜି କର ମେଡିକାଲ କଲେଜରେ କାର୍ଯ୍ୟରତ ମହିଳା ଡାକ୍ତରଙ୍କୁ ନୃଶଂସ ଦୁଷ୍କର୍ମ ଓ ହତ୍ୟା ପ୍ରତିବାଦରେ ତଥା ଛାତ୍ରୀ ଓ ମହିଳାମାନଙ୍କ ସୁରକ୍ଷା ଦାବିରେ କଟକର ଦୋଳମୁଣ୍ଡାଇସ୍ଥିତ ବିଜୟ ଗୋବିନ୍ଦ ଭବନଠାରେ ଏଆଇଡିଏସଓ ପକ୍ଷରୁ ଅଗଷ୍ଟ ମାସ ୮ତାରିଖରେ ଏକ ଜିଲ୍ଲା ସ୍ତରୀୟ କନଭେନସନ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ଶର୍ମିଷ୍ଠା ନାଥ ଓ ଏଆଇଡିଏସଓ ଓଡିଶା ରାଜ୍ୟ ପରିଷଦର ସଂପାଦକ କମ୍ରେଡ ସିଦ୍ଧାର୍ଥ ରଥ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଆଇଡିଏସଓ କଟକ ଜିଲ୍ଲା କମିଟି ସଭାପତି କମ୍ରେଡ ଈଶା ଧର ସଭାପତିତ୍ୱ କରିଥିଲେ ଏବଂ ସଂପାଦକ କମ୍ରେଡ ତରୁଣସେନ ନାୟକ ଭିତ୍ତିପତ୍ର ଉପସ୍ଥାପନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି କମ୍ରେଡ ଶିବାନୀ ସାହୁ, କୋଷାଧ୍ୟକ୍ଷ ଶୁଭସ୍ମିତା ସାହୁ, ଛାତ୍ରନେତା ଜ୍ୟୋସ୍ନାରଣୀ ଦାସ, ଅମରେନ୍ଦ୍ର ନାୟକ, ଭାଗ୍ୟଶ୍ରୀ ପ୍ରଧାନ, ରାଜେଶ ରାଉତ, ମୁସ୍କାନ ତବସୁମ, ସତ୍ୟବ୍ରତ ମୁଦୁଲି ତଥା ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଭିତ୍ତିପତ୍ର ଉପରେ ବକ୍ତବ୍ୟ ରଖିଥିଲେ।

## ନିର୍ମାଣ ଶ୍ରମିକ ମାନଙ୍କର ବାମରା ବ୍ଲକ୍ ସମ୍ମିଳନୀ



ଏଆଇୟୁଟିୟୁସି ସହବନ୍ଧିତ ଓଡିଶା ମିଳିତ ନିର୍ମାଣ ଶ୍ରମିକ ସଂଗଠନର ବାମରା ବ୍ଲକ କମିଟି ତରଫରୁ ୨୫ ଅଗଷ୍ଟ ଦିନ ୨ୟ ବାମରା ବ୍ଲକ ନିର୍ମାଣ ଶ୍ରମିକ ସମ୍ମିଳନୀ ବାମରା କେଛୁପାଣି ସ୍ଥିତ ଅଡିଟୋରିଅମ ହଲରେ ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି କମ୍ରେଡ୍ ବିଷ୍ଣୁ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟବକ୍ତାଭାବେ ୟୁନିୟନର ରାଜ୍ୟ ସାଧାରଣ ସମ୍ପାଦକ କମ୍ରେଡ୍ ରାଜକିଶୋର ମଲ୍ଲିକ ମୁଖ୍ୟବକ୍ତା, ଏଆଇୟୁଟିୟୁସିର ରାଜ୍ୟ କମିଟି ସଦସ୍ୟ କମ୍ରେଡ ଅଜିତ ନାୟକ ଅନ୍ୟତମ ବକ୍ତା ଭାବରେ ଯୋଗ ଦେଇଥିଲେ। ଏଆଇକେକେଏମଏସ୍‌ର ବାମରା ବ୍ଲକ ସଭାପତି କମ୍ରେଡ ଲକ୍ଷ୍ମୀନାରାୟଣ ଛାତ୍ରିଆ ମଧ୍ୟ ବକ୍ତବ୍ୟ ରଖିଥିଲେ। ଖଗେଶ୍ୱର ବିଶ୍ୱାଳ, ସୁବାସ ମେହେର, ବିକ୍ରମ ଟୋପ୍ପୋ, ଅଲବିନୁସ ଟୋପ୍ପୋ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିନୋଦ କାହାଳି ସଭାପତି, ହରିହର ଟୋପ୍ପୋଙ୍କ ସହିତ ୩୨ ଜଣିଆ ବାମରା ବ୍ଲକ କମିଟି ଗଠନ କରାଯାଇଥିଲା।

## ବନ୍ୟା ଦୁର୍ଗତ ଲୋକମାନଙ୍କୁ ରିଲିଫ ଯୋଗାଇ ଦେବା ଦାବିରେ ଏସୟୁସିଆଇ(କମ୍ୟୁନିଷ୍ଟ)ର ବିକ୍ଷୋଭ




ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଭୋଗରାଇ ଲୋକାଲ କମିଟି ତରଫରୁ ସେପ୍ଟେମ୍ବର ୨୩ତାରିଖରେ ଭୋଗରାଇ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବନ୍ୟାଘେରରେ ଥିବା ଅସହାୟ ଲୋକଙ୍କୁ ଅବିଳମ୍ବେ ରିଲିଫ ଯୋଗାଇଦେବା, ବନ୍ୟାରେ କ୍ଷତିଗ୍ରସ୍ତ କୃଷକମାନଙ୍କ କୃଷି ଋଣ ଛାଡ଼ କରିବା, ଚାଷୀମାନଙ୍କୁ ମାଗଣାରେ ସାର ବିହନ ଓ କୀଟନାସକ ଔଷଧ ଯୋଗାଇଦେବା, ଉତ୍ତର ଭୋଗରାଇରେ ବନ୍ୟା ନିୟନ୍ତ୍ରଣ ଓ ଦକ୍ଷିଣ ଭୋଗରାଇରେ ଜଳ ନିଷ୍କାସନ କରିବା, ବନ୍ୟା ପାରବର୍ତ୍ତୀ ସମୟରେ ବ୍ୟାପୁଥିବା ରୋଗ ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା, ଡେଙ୍ଗୁ ରୋଗର ପ୍ରତିକାର କରିବା ଆଦି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରି ଜିଲ୍ଲାପାଳଙ୍କ ଉଦ୍ଦେଶରେ ବି ଡ଼ି ଓ ଙ୍କ ଜରିଆରେ ୬ଦଫା ସମ୍ବଳିତ ସ୍ମାରକ ପାତ୍ର ପ୍ରଦାନ କରାଯାଇଥିଲା। ଏସୟୁସିଆଇ(କମ୍ୟୁନିଷ୍ଟ) ଭୋଗରାଇ ଲୋକାଲ କମିଟି ସମ୍ପାଦିକା କମ୍ରେଡ୍ କ୍ରିଷ୍ଣାରାଣୀ ସାହୁ, ଆଂଚଳିକ କମିଟି ସଦସ୍ୟା ସରୋଜିନୀ ମହାନ୍ତି, ହରେକୃଷ୍ଣ ଦାସ, ସସ୍ମିତା ମହାନ୍ତି ଓ ରବୀନ୍ଦ୍ର ଚାନ୍ଦ ପ୍ରମୁଖ ବିକ୍ଷୋଭରେ ନେତୃତ୍ୱ ନେଇଥିଲେ।

## ବ୍ରହ୍ମପୁରଠାରେ ଏଆଇଡିଏସ୍‌ଓ ଉଦ୍ୟୋଗରେ
# ଦକ୍ଷିଣାଂଚଳ ଛାତ୍ର କନଭେନସନ



ବ୍ରହ୍ମପୁର ପ୍ରକାଶମ ହଲରେ ଏଆଇଡିଏସଓ ନେତୃତ୍ୱରେ ଆର.ଜି. କର ମେଡିକାଲ କଲେଜରେ ଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା ଡାକ୍ତରୀ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ସହିତ କ୍ୟାମ୍ପସ୍ ଓ ବାହାରେ ଛାତ୍ରୀ ତଥା ମହିଳାମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା, ଶିକ୍ଷାକ୍ଷେତ୍ରରେ ଫିସ୍ ବୃଦ୍ଧି ବନ୍ଦ କରିବା, ସରକାରୀ ଶିକ୍ଷାକୁ ସୁରକ୍ଷିତ କରିବା, ସମସ୍ତ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ଶିକ୍ଷକ, ଅଧ୍ୟାପକ, ଶିକ୍ଷାକର୍ମଚାରୀ ପଦବୀ ସ୍ଥାୟୀ ଭିତ୍ତିରେ ପୂରଣ କରିବା,ବନ୍ଦ ହୋଇଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡିକ ତୁରନ୍ତ ଖୋଲିବା, ଶିକ୍ଷାଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦୨୦କୁ ତୁରନ୍ତ ବାତିଲ କରିବା ପ୍ରଭୃତି ଦାବିରେ ଛାତ୍ର କନଭେନ୍‌ସନ ଆୟୋଜିତ ହୋଇଛି। ଏଆଇଡିଏସଓ ରାଜ୍ୟସଭାପତି କମ୍ରେଡ ସୋମନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କନ୍‌ଭେନ୍‌ସନରେ ଏଆଇଡିଏସଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇଡିଏସଓ ରାଜ୍ୟ ଉପସଭାପତି କମ୍ରେଡ ଭାଗ୍ୟରବି ଦାସ, ଗଞ୍ଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ଗଞ୍ଜାମ ଜିଲ୍ଲା ସମ୍ପାଦକ ନାରାୟଣ ସାହୁ କୋରାପୁଟ ଜିଲ୍ଲା ସଭାପତି ସୁରଜିତ ସ୍ୱାଇଁ, ଗଞ୍ଜାମ ଜିଲ୍ଲା ଉପସଭାପତି ପପୁନ ସାହୁ, କୋରାପୁଟ ଜିଲ୍ଲା ସମ୍ପାଦକ ଜଗନ୍ନାଥ ହରିଜନ, କୋରାପୁଟ ଜିଲ୍ଲା କୋଷାଧ୍ୟକ୍ଷା ପ୍ରମିଳା ପୂଜାରୀ, ଗଞ୍ଜାମ ଜିଲ୍ଲା କମିଟି ସଭ୍ୟା କମ୍ରେଡ ଶୁଭସ୍ମିତା ପାଣିଗ୍ରାହୀ। କନଭେନସନର ଭିତ୍ତିପତ୍ର ପାଠ କରିଥିଲେ ଏଆଇଡିଏସଓ ଗଞ୍ଜାମ ଜିଲ୍ଲା କୋଷାଧ୍ୟକ୍ଷ କମ୍ରେଡ କିସାନ କୁମାର ସାହୁ। ଏହି କନଭେନସନରେ କୋରାପୁଟ, ନବରଙ୍ଗପୁର, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା ଜିଲ୍ଲାରୁ ଆସିଥିବା ଛାତ୍ର ପ୍ରତିନିଧିମାନେ ଯୋଗଦେଇଥିଲେ।



## ଛାତ୍ରୀ ଓ ମହିଳାମାନଙ୍କ ଉପରେ ହେଉଥିବା ଦୁଷ୍କର୍ମ ବିରୁଦ୍ଧରେ କନ୍‌ଭେନ୍‌ସନ୍




ଏଆଇଡ଼ିଏସ୍‌ଓ ଭୋଗରାଇ ଲୋକାଲ କମିଟି ତରଫରୁ ସେପ୍ଟେମ୍ବର ୨୧ ତାରିଖରେ ଥାନାଛକସ୍ଥ କମ୍ୟୁନିଟି ସେଣ୍ଟରରେ ଛାତ୍ରୀ ଓ ମହିଳାମାନଙ୍କ ଉପରେ ବଢ଼ି ଚାଲିଥିବା ଦୁଷ୍କର୍ମ, ଅଶ୍ଳୀଳ ୱେବ ସାଇଟ, ନଗ୍ନତା, ଅପସଂସ୍କୃତି, ମଦ ବିରୁଦ୍ଧରେ ଛାତ୍ର ଶିକ୍ଷକ ଅଭିଭାବକମାନଙ୍କର ଏକ କନଭେନସନ ଅନୁଷ୍ଠିତ ହୋଇଥିଲା। ଏହି କନଭେନସନ୍‌କୁ ପରିଚାଳନା କରିଥିଲେ ଡ଼ିଏସଓ ଜିଲ୍ଲା ସଭାପତି କମ୍ରେଡ ହରେକୃଷ୍ଣ ଦାସ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଶ୍ରୀପତି ଚରଣ ସାଁ। ଡ଼ିଏସଓ ରାଜ୍ୟ କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ବିନୋଦ ସେଠି। ବିଭିନ୍ନ କଲେଜର ଛାତ୍ରଛାତ୍ରୀ କନଭେନସନର ଭିତ୍ତି ପତ୍ର ଉପରେ ନିଜର ମତ ରଖିଥିଲେ । ଜିଲ୍ଲା ଉପସଭାପତି କମ୍ରେଡ ମନୋଜ ପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶେଷରେ ସ୍କୁଲ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଏକ ନାଟକ ମଂଚସ୍ଥ କରାଯାଇଥିଲା ।

## ଡେଙ୍ଗୁ ନିରାକରଣ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଦାବିପତ୍ର




ଯୁଦ୍ଧକାଳୀନ ଭିତ୍ତିରେ ଡେଙ୍ଗୁ ନିରାକରଣ ଦାବିରେ ସେପଟ୍ମେମ୍ବର ୧୭ ତାରିଖରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଖୋର୍ଦ୍ଧା ଆଞ୍ଚଳିକ କମିଟି ଉଦ୍ୟୋଗରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କମ୍ରେଡ ପ୍ରଶାନ୍ତ ରାଉତରାୟ, ସଂଘମିତ୍ରା ମହାପାତ୍ର, ଶ୍ରୀକାନ୍ତ ନାୟକ, ଅରୁଣ ନାୟକ ପ୍ରମୁଖ ଏକ ପ୍ରତିନିଧି ଦଳରେ ଯାଇ ଗରିବ ଲୋକଙ୍କୁ ମଶାରୀ ପ୍ରଦାନ କରିବା, ନିୟମିତ ମଶା ଧୂଆଁ ଦେବା ଓ ନାଳ ନର୍ଦ୍ଦମାରେ ମଶା ତେଲ ପକାଇବାପାଇଁ ଦାବି କରିଥିଲେ।

## ରେଭେନ୍ସାର ନାମ ପରିବର୍ତ୍ତନ ମନ୍ତବ୍ୟର ପ୍ରତିବାଦରେ
# ଏଆଇଡ଼ିଏସ୍‌ଓ ପକ୍ଷରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ




ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଦେଇଥିବା ମନ୍ତବ୍ୟକୁ ବିରୋଧ କରି ଏଆଇଡ଼ିଏସଓ ପକ୍ଷରୁ ସେପ୍ଟେମ୍ବର ୯ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ପ୍ରତିବାଦ ସଭା କରାଯିବା ସହ କେନ୍ଦ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏଆଇଡିଏସଓ ଓଡିଶା ରାଜ୍ୟ ପରିଷଦର ଅଫିସ ସଂପାଦକ ତଥା ରେଭେନ୍‌ସା ଛାତ୍ର ସଂସଦର ପୂର୍ବତନ ସଭାପତି କମ୍ରେଡ ନସିମ ସରକାର କୁଶପୁତ୍ତଳିକାରେ ଅଗ୍ନି ସଂଯୋଗ କରିଥିଲେ। ସଂଗଠନର କଟକ ଜିଲ୍ଲା କମିଟି ସଭାପତି କମ୍ରେଡ୍ ଈଶା ଧର, ସଂପାଦକ ତରୁଣସେନ ନାୟକ, ଉପସଭାପତି କମ୍ରେଡ ଶିବାନୀ ସାହୁ, କୋଷାଧ୍ୟକ୍ଷ ଶୁଭସ୍ମିତା ସାହୁ, ଛାତ୍ରନେତା ଜ୍ୟୋସ୍ନାରଣୀ ଦାସ, ଅମରେନ୍ଦ୍ର ନାୟକ, ରାଜେଶ ରାଉତ, ମୁସ୍କାନ ତବସୁମ, ସତ୍ୟବ୍ରତ ମୁଦୁଲି ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଏଆଇୟୁଟିୟୁସିର ପ୍ରଥମ ଯାଜପୁର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ




ସେପ୍ଟେମ୍ବରର ୧୫ ତାରିଖରେ ଏଆଇୟୁଟିୟୁସି ୧ମ ଯାଜପୁର ଜିଲ୍ଲା ସମ୍ମିଳନୀ ଯାଜପୁର ରୋଡର ଧବଳଗିରି ଠାରେ ଶ୍ରମିକ ପ୍ରତିନିଧି ମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ପାଚିକା, ଆଶା, ଅଙ୍ଗନୱାଡ଼ି ଏବଂ ସୁକିନ୍ଦାର ଖଣି ଅଂଚଳ, କଳିଙ୍ଗନଗର ଶିଳ୍ପାଂଚଳର ଶ୍ରମିକ ପ୍ରତିନିଧିମାନେ ଯୋଗଦେଇ ଥିଲେ। ସଂଗଠନର ଯାଜପୁର ଜିଲ୍ଲା ସାଂଗଠନିକ କମିଟିର ସଭାପତି କମ୍ରେଡ ସୁଧାଂଶୁ ଦାସଙ୍କ ନେତୃତ୍ୱରେ ସୁରେନ୍ଦ୍ର ମଲ୍ଲିକ, ବୀରକିଶୋର ନାୟକ ଓ ଶଙ୍କର ସିନ୍ଧୁଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀକୁ ପରିଚାଳନା କରିଥିଲେ। ସଭାର ଆରମ୍ଭରେ ଜିଲ୍ଲାର ଉପ- ସଭାପତି ବୀରକିଶୋର ନାୟକ ଶୋକପ୍ରସ୍ତାବ ଆଗତ କରିଥିଲେ। ଶ୍ରମିକ ନେତା କମ୍ରେଡ୍ ରାଜକିଶୋର ମହାନ୍ତ ମୁଖ୍ୟ ଚିଠା ପ୍ରସ୍ତାବ ଏବଂ ଜିଲ୍ଲା ସମ୍ପାଦକ କମ୍ରେଡ୍ ସୁରେଶ ପ୍ରଧାନ ସାଙ୍ଗଠନିକ ପ୍ରସ୍ତାବ ଆଗତ କରିଥିଲେ। ରାଜ୍ୟ ସମ୍ପାଦକ କମ୍ରେଡ ଜୟସେନ ମେହେର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମିଳନୀରେ କମ୍ରେଡ୍ ସୁଧାଂଶୁ ଦାସ ସଭାପତି ଓ ସୁରେଶ ପ୍ରଧାନ ସଂପାଦକ ଭାବରେ ନିର୍ବାଚିତ ହୋଇଥିଲେ।

# ବିଦ୍ୟୁତ ଅବ୍ୟବସ୍ଥା ପ୍ରତିବାଦରେ କିଶୋରନଗର ବ୍ଲକ୍ ଅଫିସ ସମ୍ମୁଖରେ ବିକ୍ଷୋଭ




ଘନ ଘନ ଅଘୋଷିତ ବିଦ୍ୟୁତ୍ କାଟ୍ ବନ୍ଦ କରିବା, ସ୍ମାର୍ଟ ମିଟର ବସାଇବା ବନ୍ଦକରିବା, ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୩୦୦ୟୁନିଟ୍ ବିଦ୍ୟୁତ୍ ମାଗଣାରେ ଯୋଗାଇଦେବା, ଟ୍ରାନ୍ସଫରମର ଅଚଳହେଲେ ୨୪ଘଣ୍ଟା ମଧ୍ୟରେ କାର୍ଯ୍ୟକ୍ଷମ କରି ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା, ଲୋ-ଭୋଲଟେଜ୍ ବନ୍ଦ କରିବା, ୨୪ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା, ବିଦ୍ୟୁତ୍ ସେବାର ଘରୋଇକରଣ ବାତିଲ କରିବା, ବିଦ୍ୟୁତ୍ ସଂଶୋଧନ ଆଇନ୍- ୨୦୨୩କୁ ବାତିଲ କରିବା ଦାବିରେ ଅଲ୍ ଇଣ୍ଡିଆ ଇଲେକ୍ଟ୍ରିସିଟି କଞ୍ଜ୍ୟୁମର୍ସ ଆସୋସିଏସନ୍ (AIECA) ପକ୍ଷରୁ ୧୯ତାରିଖରେ କିଶୋରନଗର ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ସ୍ଥଳରେ ସଂଗଠନର ଜିଲ୍ଲା ଆବାହକ ତୀର୍ଥବାସୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ପୂର୍ବତନ ସରପଂଚ ରମଣୀ ରଞ୍ଜନ ପ୍ରଧାନ, ବ୍ଲକ ଆବାହକ ରମେଶ ଲୁହା, ଲକ୍ଷ୍ମଣ ବେହେରା, ସୁରୁଚି ପ୍ରଧାନ ପ୍ରମୁଖ ତୁରନ୍ତ ଦାବି ପୁରଣ ପାଇଁ ଆହ୍ୱାନ ଦେଇଥିଲେ। ୬ଦଫା ଦାବିରେ ଏକ ଦାବି ପତ୍ର ରାଜ୍ୟ ଶକ୍ତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।

# ଏସୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବୈପାରିଗୁଡ଼ା ବ୍ଲକ୍ ଅଫିସ ସମ୍ମୁଖରେ ବିଶାଳ ଗଣବିକ୍ଷୋଭ ଅନୁଷ୍ଠିତ




ସେପଟ୍ମେର ୧୯ରଖ ଦନ ବ୍ଲକ୍ର ୨୦ ଟ ପଂଚାୟତରୁ ଶତାଧିକ ଜନସାଧାରଣ ଏକାଠ ହୋଇ ସ୍ଥାନୀୟ ଡାକବଙ୍ଗଳାରୁ ଏକ ସୁଶୋଭିତ ଲାଲ୍ ପଟୁଆର ରେ ସହରର ମୁଖ୍ୟ ରାସ୍ତା ପରିକ୍ରମା କରି ବୈପାରିଗୁଡ଼ା ବ୍ଲକ୍ ସମ୍ମୁଖରେ ପହଂଚି ଥିଲେ। ସେଠାରେ ପାର୍ଟିର ବ୍ଲକ ସମ୍ପାଦକ ସୂର୍ଯ୍ୟ ବିଷୋୟୀଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲା ସମ୍ପାଦକ କାହ୍ନୁ ବିଶ୍ୱାଳ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ଦାବି ପୂରଣ ପାଇଁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଚାଷୀ ନେତା କମ୍ରେଡ ରାମ ବାରିକ ଦାବି ସମ୍ବଳିତ ଦାବି ପତ୍ର ପାଠ କରିଥିଲେ। ପରେ ବିଡିଓ ଆସି ଦାବି ପତ୍ର ଗ୍ରହଣ କରିଥିଲେ ଓ ୧୨ ଦଫା ଦାବି ସମ୍ପର୍କରେ ସର୍ବ ସମ୍ମୁଖରେ ଆଲୋଚନା କରିଥିଲେ। କମ୍ରେଡ ଲକ୍ଷ୍ମୀ ବାରିକ, ବାସୁଦେବ ଖରା, ଜଗନ୍ନାଥ ହରିଜନ, ଦଶରଥ ଖିଲ ,ତ୍ରିନାଥ ମୁଣ୍ଡଗୁଡିଆ, ନାବିନା ବାରିକ ଓ ତ୍ରିନାଥ ଗୁନିଆ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

# ଡେଙ୍ଗୁ ମହାମାରୀର ପ୍ରତିକାର ଦାବିରେ ବିକ୍ଷୋଭ




ଏସୟୁସିଆଇ(କମ୍ୟୁନିଷ୍ଟ) ରାଉରକେଲା କମିଟି ତରଫରୁ ରାଉରକେଲା ମହାନଗର ନିଗମ ଅଫିସରେ ବିକ୍ଷୋଭ ପ୍ରଦର୍ଶନ ସହିତ ଏକ ସ୍ମାରକପତ୍ର ମହାନଗର ନିଗମ କମିଶନର ତଥା ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲା ସମ୍ପାଦକ କମ୍ରେଡ ଅଜିତ ନାୟକଙ୍କ ନେତୃତ୍ୱରେ ବରିଷ୍ଠ ଜିଲ୍ଲା କମିଟି ସଦସ୍ୟ କମ୍ରେଡ ସତ୍ୟପ୍ରିୟ ମହାନ୍ତି, ଶ୍ରୀନିବାସ ସେଠୀ, ଆଂଚଳିକ କମିଟି ସମ୍ପାଦକ ବିଷ୍ଣୁ ପଣ୍ଡା, କ୍ଷେତ୍ରବାସୀ ସେଠୀ, ବିଜୟ ସାହୁ, ବିଦ୍ୟୁତ ମହାନ୍ତ, କବିତା ମହାନ୍ତି, ସୁବାସ ଦଣ୍ଡପାଟ ପ୍ରମୁଖଙ୍କ ସମେତ ପାର୍ଟିର ବହୁ କର୍ମକର୍ତ୍ତା ମାନେ ବିକ୍ଷୋଭରେ ସାମିଲ ହୋଇଥିଲେ।

# ଡେଙ୍ଗୁ ପ୍ରତିକାର ଦାବିରେ ସ୍ମାରକ ପତ୍ର ପ୍ରଦାନ

ଡେଙ୍ଗୁଜ୍ୱରର ପ୍ରତିକାର ଦାବିରେ ଏସ୍ୟୁସିଆଇ (କମ୍ୟୁନିଷ୍ଟ ) ବାଲେଶ୍ୱର ଲୋକାଲ କମିଟି ଉଦ୍ୟୋଗରେ ଏକ ସ୍ମାରକ ପତ୍ର ବାଲେଶ୍ୱର ଜିଲ୍ଲାପାଳନକୁ ପ୍ରଦାନ କରାଯାଇଛି । ପାର୍ଟି ଲୋକାଲ କମିଟି ସମ୍ପାଦକ କମ୍ରେଡ ଉମାକାନ୍ତ ଦାସଙ୍କ ନେତୃତ୍ୱ ରେ କମ୍ରେଡ ପ୍ରଶାନ୍ତ ଦାସ, ନନ୍ଦ ରାୟ ଚୌଧୁରୀ, ପଙ୍କଜ ଟୁଡୁ ପ୍ରତନିଧିଦଳରେ ଯାଇ ଦାବିପତ୍ର ପ୍ରଦାନ କରିଥିଲେ।

## ଶିକ୍ଷା କ୍ଷେତ୍ରରେ . . .

(୩ୟ ପୃଷ୍ଠାର ଅବଶିଷ୍ଟାଂଶ)

୨୦୧୦-୧୧ ଶିକ୍ଷା ବର୍ଷରୁ ଦୀର୍ଘ ୧୦ବର୍ଷ ଧରି ଏହି ପରୀକ୍ଷା ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେଉଥିଲା। ସମୁଦାୟ ୪୧ଟି କୋର୍ସରେ ୧୫୦୦ ଆସନରେ ସ୍ନାତକ, ସ୍ନାତକୋତ୍ତର, ଇଣ୍ଟିଗ୍ରେଟେଡ୍ ସ୍ନାତକୋତ୍ତର, ପାଠ୍ୟକ୍ରମ ପାଇଁ ଏହି ବ୍ୟବସ୍ଥା କରାଯାଇଥିଲା। ଏହାପରେ ଆହୁରି ୫ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଏହି ପ୍ରକ୍ରିୟାରେ ସାମିଲ କରାଗଲା। କୋଭିଡ ମହାମାରୀ ଯୋଗୁ ସମସ୍ତ ଦେଶ ଲକ୍‌ଡାଉନରେ ରହିଥିଲାବେଳେ କେନ୍ଦ୍ର ବିଜେପି ସରକାର ଦ୍ୱାରା ଚୂଡାନ୍ତ ଭାବରେ ଶିକ୍ଷା ଧ୍ୱଂସକାରୀ ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ ଘୋଷଣା କରାଗଲା। ଏହି ଶିକ୍ଷାନୀତିର ଅନୁସରଣରେ ୨୦୨୦-୨୧ ଶିକ୍ଷାବର୍ଷରୁ ଦେଶର ୪୫ଟି ଯାକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନାମ ଲେଖାପାଇଁ ଏକକ ପ୍ରବେଶିକା ପରୀକ୍ଷା ଲାଗୁ କରାଯାଇଛି। ୨୦୨୧ ମସିହାରୁ ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାନରେ ଏହି ପରୀକ୍ଷା ପରିଚାଳନା ଦାୟିତ୍ୱ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି(National Testing Agency) ହାତରେ ଅର୍ପଣ କରାଯାଇଛି। ଏହି ଧରଣର କେନ୍ଦ୍ରୀକୃତ ପରୀକ୍ଷା ଏବଂ ନାମଲେଖା ଫଳରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନଙ୍କରେ ପାଠପଢା ବିପର୍ଯ୍ୟସ୍ତ ହୋଇଛି। ପ୍ରଥମତଃ, ଜେଏନ୍ୟୁ ଭଳି ବିଶ୍ୱବିଦ୍ୟାଳୟରେ ନାମଲେଖା ପାଇଁ ଦେଶର ପଛୁଆ ଅଂଚଳର ପିଲାମାନଙ୍କ ପାଇଁ ନାମଲେଖା କ୍ଷେତ୍ରରେ ଥିବା ଆରକ୍ଷଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଗୁଡିକୁ ଉଠାଇ ଦିଆଯାଇଛି। ଏହା ଫଳରେ ଦୀର୍ଘ ବହୁ ଦଶଂଧିଧରି ଦେଶର ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସୃଷ୍ଟି କରିଥିବା ନିଜର ବିଶେଷ ପରିଚୟ ଧ୍ୱଂସ ହେଉଛି ଏବଂ ଦେଶର ପଛୁଆ ଅଂଚଳର ଛାତ୍ରଛାତ୍ରୀମାନେ ଉଚ୍ଚମାନର ଶିକ୍ଷାନୁଷ୍ଠାନରେ ପଢିବା ପାଇଁ ପୂର୍ବରୁ ପାଉଥିବା ସୁବିଧା ସୁଯୋଗରୁ ବଂଚିତ ହେଉଛନ୍ତି। କେବଳ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀ ନୁହେଁ, ଦେଶର ସମସ୍ତ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରିବା ପାଇଁ ମଧ୍ୟ ଏକକ ପ୍ରବେଶିକା ପରୀକ୍ଷା କରିବା ପାଇଁ ଦାୟିତ୍ୱ ସରକାର ଏନ୍‌ଟିଏକୁ ଦେଇଛନ୍ତି। ଏ କ୍ଷେତ୍ରରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେବାରୁ ପିଏଚ୍‌ଡି ପାଇଁ ଏକକ ପରୀକ୍ଷା ବ୍ୟବସ୍ଥା ସାମୟିକ ବନ୍ଦ କରାଯାଇଥିଲେ ମଧ୍ୟ ଭବିଷ୍ୟତରେ ଏହା କାର୍ଯ୍ୟକାରୀ କରାଯିବା ନିଶ୍ଚିତ। ଏହି ଧରଣର କେନ୍ଦ୍ରୀକରଣ ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତାକୁ ଗୁରୁତର ଭାବରେ ଦହନ କରୁଛି। କେବଳ ସେତିକି ନୁହେଁ, ଆମ ରାଜ୍ୟ ଭଳି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନଙ୍କରେ ଏକକ ପ୍ରବେଶିକା ପରୀକ୍ଷାକରି ମେଧାତାଲିକା ପ୍ରକାଶନ ଓ ନାମଲେଖାରେ ଅହେତୁକ ବିଳମ୍ବ ଯୋଗୁ ପାଠପଢା ଗୁରୁତର ଭାବରେ ବ୍ୟାହତ ହେଉଛି। ଏବେ ବି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନଙ୍କରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ନାମଲେଖା ଶେଷ ହୋଇନାହିଁ।

ଏହି ପ୍ରସଙ୍ଗରେ ସଂପ୍ରତି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନଙ୍କରେ ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା ପରିଚାଳନା କରୁଥିବା ଏନ୍‌ଟିଏ ଏବଂ ଏହି ସଂସ୍ଥା ଦ୍ୱାରା ପରିଚାଳନା କରାଯାଉଥିବା ଅନ୍ୟାନ୍ୟ ପରୀକ୍ଷା ସଂପର୍କରେ ସଂକ୍ଷେପରେ ଆଲୋଚନା କରିବାକୁ ଆମେ ଆବଶ୍ୟକ ମନେକରୁଛୁ। ଏନ୍‌ଟିଏ ହେଉଛି ସୋସାଇଟି ରେଜିଷ୍ଟ୍ରେସେନ୍ ଆଇନ ଅନୁଯାୟୀ ପୁଞ୍ଜିକୃତ ଏକ ସୋସାଇଟି ଅର୍ଥାତ୍ ଏକ ଘରୋଇ ସଂସ୍ଥା। ମାତ୍ର ଏହି ଘରୋଇ ସଂସ୍ଥା ଉପରେ କେନ୍ଦ୍ର ସରକାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନଙ୍କର ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା ଦାୟିତ୍ୱ ବ୍ୟତୀତ ମେଡିକାଲ କଲେଜରେ ପଢିବା ପାଇଁ ପ୍ରବେଶିକା ପରୀକ୍ଷା, ଡାକ୍ତର ମାନଙ୍କର ପିଜି ପଢିବା ପାଇଁ ପ୍ରବେଶିକା ପରୀକ୍ଷା(NEET-UG ଓ NET-PG) ଗବେଷଣା କରିବା ପାଇଁ ୟୁଜିସି ନେଟ(National Eligibility Test), ଜେଇଇ(ମେନ୍), ସିଏମ୍‌ଏଟି(Common Management Admission Test-CMAT) ଓ ଜିପାଟ୍ (Graduate Pharmacy Aptitude Test-GPAT) ପ୍ରଭୃତି ପରୀକ୍ଷାର ଦାୟିତ୍ୱ ମଧ୍ୟ ଅର୍ପଣ କରିଛନ୍ତି। ଚଳିତବର୍ଷ ମେଡିକାଲ କଲେଜ ମାନଙ୍କରେ ନାମଲେଖା ପାଇଁ ଏନ୍‌ଟିଏ ପକ୍ଷରୁ ପରିଚାଳିତ ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ଘଟଣା ସମଗ୍ର ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ଏହି କେଳଙ୍କାରୀ ପରେ ଏନ୍‌ଟିଏକୁ ସଂପୂର୍ଣ୍ଣ ଭାଙ୍ଗିଦେଇ ମେଡିକାଲ କଲେଜରେ ନାମଲେଖା ପୂର୍ବଭଳି ରାଜ୍ୟସ୍ତରରେ କରିବା ଏବଂ ଏଥିପାଇଁ କରାଯାଉଥିବା ପ୍ରବେଶିକା ପରୀକ୍ଷା ସ୍ଥାନରେ ହାୟର ସେକେଣ୍ଡାରୀ ପରୀକ୍ଷାରେ ମିଳିଥିବା ନମ୍ବର ଭିତ୍ତିରେ ମେଡିକାଲ କଲେଜରେ ନାମଲେଖା ପୂର୍ବଭଳି କରିବା ପାଇଁ ସମଗ୍ର ଦେଶର ଶିକ୍ଷାବିତ୍, ବୁଦ୍ଧିଜୀବୀ, ଅଭିଭାବକ ଓ ଛାତ୍ରମାନଙ୍କ ପକ୍ଷରୁ ଦାବି କରାଯାଇଥିଲା। କେନ୍ଦ୍ରୀକୃତ ଏକକ ପ୍ରବେଶିକା ପରୀକ୍ଷା ହିଁ ସମଗ୍ର ଦେଶରେ ଛତୁ ଫୁଟିଲା ଭଳି କୋଚିଂ ସେଣ୍ଟର ଖୋଲିବା, ଶ୍ରେଣୀଗୃହ ଶିକ୍ଷା ଗୁରୁତ୍ୱହୀନ ହେବା, ପ୍ରଶ୍ନପତ୍ର ଲିକ୍ ଓ ଅନ୍ୟାନ୍ୟ ଅବ୍ୟବସ୍ଥାର ଅନ୍ୟତମ ମୁଖ୍ୟ କାରଣ ବୋଲି ମଧ୍ୟ ମତପ୍ରକାଶ ପାଇଥିଲା। ଏହି ପୃଷ୍ଠଭୂମିରେ ହିଁ ଆମକୁ ରାଜ୍ୟରେ ସ୍ନାତକ ଓ ସ୍ନାତକୋତ୍ତର ସ୍ତରରେ ସାମ୍ସ ଜରିଆରେ ନାମଲେଖା ପାଇଁ କରାଯାଉଥିବା ଏକକ ପରୀକ୍ଷା ଓ ଶିକ୍ଷା କ୍ଷେତ୍ରରେ ଏହାର ବିଧ୍ୱଂସକାରୀ ପରିଣାମ ସଂପର୍କରେ ବିଚାର କରିବାକୁ ହେବ।

ଆମେ ଏଠାରେ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ ରାଜ୍ୟରେ ସଂପ୍ରତି ନାମଲେଖା କ୍ଷେତ୍ରରେ ଦେଖାଦେଇଥିବା ସଂକଟ ସମେତ ସାମଗ୍ରିକ ଭାବରେ ଶିକ୍ଷା କ୍ଷେତ୍ରରେ ଦେଖା ଦେଇଥିବା ଚୂଡାନ୍ତ ଅବ୍ୟବସ୍ଥା ଏକ ଆକସ୍ମିକ ଓ ବିଚ୍ଛିନ୍ନ ଘଟଣା ନୁହେଁ। ଦୀର୍ଘ ବହୁ ଦଶଂଧି ଧରି ଶିକ୍ଷା କ୍ଷେତ୍ରକୁ ସଂପୂର୍ଣ୍ଣ ଧ୍ୱଂସ କରିବା, ଶିକ୍ଷାକୁ ଲାଭ ଅର୍ଜନର ଏକ ଲୋଭନୀୟ କ୍ଷେତ୍ରରେ ପରିଣତ କରିବା, ଶିକ୍ଷାକୁ ବଜାରର ପଣ୍ୟରେ ପରିଣତ କରି ଏହାକୁ ମୁଷ୍ଟିମେୟ ଲୋକଙ୍କର ହସ୍ତମୁଦି ମାହାଲରେ ପରିଣତ କରିବା ପାଇଁ ଚାଲିଥିବା ଯୋଜନାବଦ୍ଧ ଓ ପରିକଳ୍ପିତ ଷଡଯନ୍ତ୍ରର ପରିଣାମ। ଆମେ ଏଠାରେ ଆହୁରି ମଧ୍ୟ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବାକୁ ଚାହୁଁ ଯେ ରାଜୀବ ଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ ତତ୍‌କାଳୀନ କେନ୍ଦ୍ର କଂଗ୍ରେସ ସରକାର ଦ୍ୱାରା ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ପଣ୍ୟକରଣ (Commodification) ଉଦ୍ଦେଶ୍ୟରେ ପ୍ରଣୀତ ନୂତନ ଜାତୀୟ ଶିକ୍ଷାନୀତି ୧୯୮୬ ଜାରିଆରେ ଆରମ୍ଭ କରାଯାଇଥିବା ଶିକ୍ଷା ଧ୍ୱଂସକାରୀ ଯୋଜନାକୁ ଏହାର ଯୁକ୍ତିଯୁକ୍ତ ଶେଷ ପରିଣତିରେ ପହଂଚାଇବା ପାଇଁ ହିଁ ବର୍ତ୍ତମାନର କେନ୍ଦ୍ର ବିଜେପି ସରକାର ନୂଆ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଣୟନ କରିଛନ୍ତି। ସମଗ୍ର ଶିକ୍ଷା ବ୍ୟବସ୍ଥା ଉପରେ ଚାଲିଥିବା ଏହି ସର୍ବାତ୍ମକ ଓ ସର୍ବଦିଗବ୍ୟାପୀ ଆକ୍ରମଣର ଗୋଟିଏ ଦିଗ ହେଉଛି ଘରୋଇ ସଂସ୍ଥାଦ୍ୱାରା କେନ୍ଦ୍ରୀକୃତ ପ୍ରବେଶିକା ପରୀକ୍ଷା ପରିଚାଳନା ଓ ଏହାର ମାରାତ୍ମକ ପରିଣତି। ଧ୍ୱଂସମୁଖୀ ଶିକ୍ଷା ବ୍ୟବସ୍ଥାକୁ ରକ୍ଷା କରିବାକୁ ହେଲେ ଏବଂ ଦେଶର ନବଜାଗରଣ ଓ ସ୍ୱାଧୀନତା ଆନ୍ଦୋଳନର ମନିଷୀମାନଙ୍କର ସ୍ୱପ୍ନର ଶିକ୍ଷା ବ୍ୟବସ୍ଥା-ସାର୍ବଜନୀନ, ଗଣତାନ୍ତ୍ରିକ, ବିଜ୍ଞାନ ସମ୍ମତ ଧର୍ମନିରପେକ୍ଷ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିବାକୁ ହେଲେ, ବିଭିନ୍ନ କ୍ଷମତା ସର୍ବସ୍ୱ ଦଳ ନେତୃତ୍ୱରେ ପରିଚାଳିତ ସରକାରମାନଙ୍କ ଦ୍ୱାରା ଶିକ୍ଷା ଉପରେ ଚାଲିଥିବା ଆକ୍ରମଣକୁ ପ୍ରତିହତ କରିବାକୁ ହେବ। ଏଥିପାଇଁ ସମଗ୍ର ରାଜ୍ୟରେ ଜନମତ ସୃଷ୍ଟକରିବାପାଇଁ ଆମେ ରାଜ୍ୟର ଶିକ୍ଷାପ୍ରେମୀ ଜନସାଧାରଣ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଅଭିଭାବକମାନଙ୍କୁ ନିବେଦନ କରୁଛୁ।

★ ★ ★

## ଭରତପୁର . . .

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

କର୍ମଚାରୀଙ୍କୁ ନିଲମ୍ବିତ କରିଛନ୍ତି। ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ସହିତ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ବିଚାରବିଭାଗୀୟ ତଦନ୍ତ ଘୋଷଣା କରିଛନ୍ତି। ତେବେ ଜନ ଅସନ୍ତୋଷକୁ ସାମୟିକ ଭାବରେ ପ୍ରଶମିତ କରିବାପାଇଁ ଅତୀତରେ ବିଭିନ୍ନ ଦଳର ସରକାରମାନେ ଏହି ଧରଣର ଲୋକଦେଖାଣିଆ ପଦକ୍ଷେପ ଗ୍ରହଣ କରିବାର ନଜିର ରହିଛି। ମାତ୍ର ଏହା ଯେ ପ୍ରକୃତ ପୀଡିତାଙ୍କୁ ନ୍ୟାୟ ଦେବା ଓ ଅପରାଧୀମାନଙ୍କୁ ଦଣ୍ଡିତ କରିବାପାଇଁ କରାଯାଇନାହିଁ ସେକଥା ରାଜ୍ୟବାସୀ ନିଜର ଅଭିଜ୍ଞତାରୁ ଭଲ ଭାବରେ ଜାଣନ୍ତି। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିଥିବା ଏବଂ ଏହି ଦାବିରେ ୬ଘଣ୍ଟିଆ ଭୁବନେଶ୍ୱର ବନ୍ଦ ଡାକରା ଦେଇ ପରେ ଏହି ବନ୍ଦ ଡାକରାକୁ ପ୍ରତ୍ୟାହାର କରିଥିବା ବିଜେଡି ଦଳ ନେତୃତ୍ୱରେ ପରିଚାଳିତ ସରକାରର ଶାସନ କାଳରେ କରାଯାଇଥିବା ଏକାଧିକ ବିଚାରବିଭାଗୀୟ ତଦନ୍ତର ଫଳାଫଳ କ'ଣ ହୋଇଛି ସେକଥା କେହି ଭୁଲି ନାହାନ୍ତି। ଅତୀତର ବିଜେଡି-ବିଜେପି ମେଣ୍ଟ ସରକାର ଶାସନ କାଳରେ ମଧ୍ୟ ଏହି ଧରଣର ଏକାଧିକ ବିଚାର ବିଭାଗୀୟ ତଦନ୍ତ ହୋଇଛି। ମାତ୍ର ଧଳା ହାତୀ ପୋଷିବା ବ୍ୟତୀତ ଏହାଦ୍ୱାରା କିଛି ହାସଲ ହୋଇନାହିଁ। ଅଭିଯୁକ୍ତଙ୍କୁ ନିଲମ୍ବନ କରିବା ଓ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରିବା ମଧ୍ୟ ନିଛକ ପ୍ରହସନ ବ୍ୟତୀତ ଅନ୍ୟକିଛି ନୁହେଁ। ନିଲମ୍ବନ ଏକ ଦଣ୍ଡନୁହେଁ କିମ୍ବା କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଅଧିକ ସ୍ୱଚ୍ଛ ଓ ନିରପେକ୍ଷ ହେବ ବୋଲି ଭାବିବାର କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ।

ଏହା ବ୍ୟତୀତ ସରକାର ପୀଡିତାଙ୍କୁ ନ୍ୟାୟ ଦେବା ଆଳରେ ଏପର୍ଯ୍ୟନ୍ତ ଗ୍ରହଣ କରିଥିବା ପଦକ୍ଷେପରୁ ମଧ୍ୟ ସରକାରଙ୍କର ଅସଲ ଉଦ୍ଦେଶ୍ୟ ସଂପର୍କରେ ସ୍ୱଭାବିକ ଭାବରେ ସନ୍ଦେହ ସୃଷ୍ଟି ହେଉଛି। ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ, ରାସ୍ତାରେ ଅସାମାଜିକ ଯୁବକମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ଥାନାରେ ଆଶ୍ରୟ ନେଇଥିବା ପୀଡିତା ମହିଳାଙ୍କୁ ହତ୍ୟା ଉଦ୍ୟମ ଦଫାରେ ଗିରଫ କରି ତାଙ୍କୁ ଜେଲ ପଠାଯାଇଥିଲା। ମାତ୍ର ମହିଳାଙ୍କୁ ରାସ୍ତାରେ ଅଟକାଇ ଅସୌଜନ୍ୟ ବ୍ୟବହାର କରିଥିବା, ମନ୍ଦ ଉଦ୍ଦେଶ୍ୟରେ ତାଙ୍କୁ ଠେଲାପେଲା କରିଥିବା ଯୁବକମାନଙ୍କ ମଧ୍ୟରୁ କେତେକଙ୍କୁ ଅତ୍ୟନ୍ତ ହାଲୁକା ଦଫାରେ ଗିରଫ କରାଗଲା। ଯାହାଫଳରେ ସେମାନଙ୍କୁ ତୁରନ୍ତ ଜାମିନ ମିଳିଗଲା। ଆହୁରିମଧ୍ୟ, ସେ ମୁଖ୍ୟମନ୍ତ୍ରୀଙ୍କର ଭଣଜା ବୋଲି ପାଟି କରୁଥିବା ଏହି କାଣ୍ଡର ମୁଖ୍ୟ ଖଳନାୟକଙ୍କୁ ଆଦୌ ଗିରଫ ହିଁ କରାଗଲା ନାହିଁ। ଏଥରୁ ସ୍ପଷ୍ଟ ହେଉଛି ଯେ, ଅପରାଧୀମାନେ ରାଜନୈତିକ ପୃଷ୍ଠପୋଷକତା ଉପଭୋଗ କରୁଛନ୍ତି। କେବଳ ସେତିକି ନୁହେଁ, ବିଚାର ବିଭାଗୀୟ ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଅବସରପ୍ରାପ୍ତ ବିଚାରପତିଙ୍କ ନିରପେକ୍ଷତା ଏବଂ ମହିଳାମାନଙ୍କ ପ୍ରତି ତାଙ୍କର ଦୃଷ୍ଟିଭଙ୍ଗୀ ମଧ୍ୟ ଏ ବାବଦରେ ବହୁ ପ୍ରଶ୍ନ ଉତ୍‌ଥାପିତ କରୁଛି।

ମାନ୍ୟବର ବିଚାରପତି ମହୋଦୟ କଲିକତା ହାଇକୋର୍ଟରୁ ଅବସର ଗ୍ରହଣ କରିବା ଦିନ କୋର୍ଟ ଗୃହ ମଧ୍ୟରେ ହିଁ ଘୋଷଣା କରିଥିଲେ ଯେ, ଅନେକ ଜଜ୍ ସେମାନଙ୍କ ରାଜନୈତିକ ପରିଚୟ ଗୋପନ ରଖିବାକୁ ଉଦ୍ୟମ କରୁଥିଲେ ମଧ୍ୟ ମୁଁ ଖୋଲାଖୋଲି ଭାବରେ କହିବାକୁ ଚାହେଁ ଯେ ଛାତ୍ର ଓ ଯୁବକ ଅବସ୍ଥାରେ ଆରଏସ୍‌ଏସ୍‌ର କର୍ମକର୍ତ୍ତା ଥିଲି ଏବଂ ବର୍ତ୍ତମାନ ଅବସର ପରେ ଆରଏସ୍‌ଏସ୍ ପାଇଁ କାମ କରିବି। ତାଙ୍କର ଏହି ମନ୍ତବ୍ୟ ସେତେବେଳେ ଦେଶର ଆଇନଜ୍ଞମାନଙ୍କ ମଧ୍ୟରେ ଚର୍ଚ୍ଚିତ ଓ ସମାଲୋଚିତ ହୋଇଥିଲା। କେବଳ ସେତିକି ନୁହେଁ କଲିକତା ହାଇକୋର୍ଟର ବିଚାରପତି ଥିଲାବେଳେ ୨୦୨୩ ମସିହାରେ ଏହି ବିଚାରପତି ମହୋଦୟ ଦେଇଥିବା ଏକ ମହିଳା ବିରୋଧୀ ରାୟ ପାଇଁ ମଧ୍ୟ ସମଗ୍ର ଦେଶରେ ନିନ୍ଦିତ ହୋଇଥିଲେ। ନାବାଳିକା ଧର୍ଷଣ ଅପରାଧରେ ଜିଲ୍ଲା ଜଜ୍‌ଙ୍କ ଦ୍ୱାରା ଦଣ୍ଡିତ ଜଣେ ବ୍ୟକ୍ତିଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଦେଇ ବିଚାରପତି ମହୋଦୟ ଉଲ୍ଲେଖ କରିଥିଲେ, "କିଶୋରୀ ମାନେ ନିଜର ଯୌନ ଉତ୍ତେଜନାକୁ ନିୟନ୍ତ୍ରଣ ରଖିବା ଆବଶ୍ୟକ।" ଧର୍ଷଣପାଇଁ ଧର୍ଷିତା ଦାୟୀବୋଲି ସେ ଏହି ରାୟରେ ପ୍ରକାନ୍ତରେ କହିବାକୁ ଚାହିଁଥିଲେ। ତାଙ୍କର ଏହି ରାୟ ପାଇଁ ସେହି ସମୟରେ ସେ ତୀବ୍ର ସମାଲୋଚନାର ଶୀକାର ହୋଇଥିଲେ। ଏପରିକି ସୁପ୍ରିମକୋର୍ଟ ନିଜ ଆଡୁ ବିଚାରକୁ ନେଇ ଏହି ରାୟକୁ ଖାରଜ କରିଥିଲେ ଏବଂ ଏଥିପାଇଁ ତାଙ୍କୁ ତୀବ୍ର ଭର୍ତ୍ସନା କରିଥିଲେ। ମାତ୍ର ଏହା ସତ୍ତ୍ୱେ ମଧ୍ୟ ତାଙ୍କ ମତରେ ସେ ଅବିଚଳିତ ବୋଲି ବିଚାରପତି ମହୋଦୟ ଖୋଲାଖୋଲି ଭାବରେ ପରବର୍ତ୍ତି ସମୟରେ ପ୍ରକାଶ କରିଥିଲେ। ଏହିଭଳି ମାନସିକତା ସଂପନ୍ନ ଓ ପୃଷ୍ଠଭୂମିର ଜଣେ ବିଚାରପତିଙ୍କୁ ମହିଳା ନିର୍ଯ୍ୟାତନା ସଂପର୍କରେ ତଦନ୍ତ କରିବାପାଇଁ ସରକାର ଦାୟିତ୍ୱ ଦେଇଛନ୍ତି। ବିଚାରପତି ମହୋଦୟ ପୃଷ୍ଠଭୂମି ଓ ମହିଳାମାନଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ସମସ୍ତଙ୍କୁ ଜଣାଇଥିଲା ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବରେ ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡି କିମ୍ବା କଂଗ୍ରେସ ପକ୍ଷରୁ ଏ ସଂପର୍କରେ କୌଣସି ପ୍ରଶ୍ନ ଉତ୍‌ଥାପନ କରାଯାଇନାହିଁ।

କେବଳ ବିଚାରପତି ମହୋଦୟ ନୁହଁନ୍ତି, ସମାଜରେ ଶିକ୍ଷିତ ଓ ଉଚ୍ଚବର୍ଗ ଭାବରେ ପରିଚିତ ବହୁ ଲୋକ, ଏପରିକି ମହିଳାମାନଙ୍କର ଏକାଂଶ ମଧ୍ୟରେ ବି ମହିଳାମାନଙ୍କ ପ୍ରତି ଏହି ଦୃଷ୍ଟିଭଙ୍ଗୀ ରହିଛି। ପ୍ରକାଶଭଙ୍ଗୀ ଯେତେ ସୂକ୍ଷ୍ମ ଓ ମାର୍ଜିତ ମନେହେଲେ ମଧ୍ୟ ପୀଡିତାଙ୍କୁ ନ୍ୟାୟ ଦେବାପାଇଁ ଦାବି କରିବା ପରିବର୍ତ୍ତେ ଏହି ମତାବଲମ୍ବୀମାନେ ଘଟଣାପାଇଁ ପୀଡିତାଙ୍କୁ ହିଁ ଦାୟୀ ବୋଲି ପ୍ରଚାର କରିଥାନ୍ତି। ପାଠକମାନଙ୍କ ସ୍ମରଣଥିବ ୧୯୯୯ ମସିହାରେ ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିବା ଅଂଜନା ମିଶ୍ର ଗଣବଳାତ୍କାର ଘଟଣାରେ ପ୍ରଶ୍ନ ଉଠିଥିଲା ମହିଳାଜଣକ ପୁରୁଷ ବନ୍ଧୁ ସହିତ ନିର୍ଜନ ରାସ୍ତାରେ କାହିଁକି ଯାଉଥିଲେ? ଏହି ପ୍ରଶ୍ନ ଉଠାଇ ପୀଡିତା ମହିଳାଙ୍କ ଚରିତ୍ର ହନନ କରିବା, ଘଟଣାକୁ ହାଲୁକା କରିବା ଏବଂ ପ୍ରକାରାନ୍ତରେ ଧର୍ଷଣପାଇଁ ଧର୍ଷିତାକୁ ଦାୟୀ କରିବାପାଇଁ ରାଜ୍ୟର ତତ୍‌କାଳୀନ ମହିଳା ବିକାଶ ମନ୍ତ୍ରୀ ଉଦ୍ୟମ କରିଥିଲେ। ଦିଲ୍ଲୀର ନିର୍ଭୟା କାଣ୍ଡ ସମୟରେ ମଧ୍ୟ ସେହି ପ୍ରଶ୍ନ ଉଠିଥିଲା। ପାଠପଢିବାକୁ ଅସିଥିବା ଛାତ୍ରୀ ରାତି ୯ଟାରେ ପୁରୁଷ ବନ୍ଧୁ ସହିତ ବୁଲୁଥିଲା କାହିଁକି? ବହୁ ଚର୍ଚ୍ଚିତ ହାତରାସ ଗଣ ବଳାତ୍କାର ଓ ହତ୍ୟାର ଶୀକାର ହୋଇଥିବା ଯୁବତୀଙ୍କ ସଂପର୍କରେ ମଧ୍ୟ ବିଜେପିର ନେତାମନ୍ତ୍ରୀମାନେ ଅନୁରୂପ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ସଂପ୍ରତି ଭରତପୁର ଥାନାରେ ଘଟିଥିବା ଘଟଣା ପରେ ମଧ୍ୟ ସେହି ପ୍ରଶ୍ନ ପୁନର୍ବାର ଉତ୍‌ଥାପିତ ହୋଇଛି। ଆବାହମାନ କାଳରୁ ଏହି ପ୍ରଶ୍ନ ଦେଶର ପ୍ରତିଟି ଧର୍ଷିତା ଅତ୍ୟାଚାରିତା ମହିଳାଙ୍କୁ ଛାଇ ଭଳି ଗୋଡେଇଛି। ସତେଯେପରି ଏଭଳି ଜନଶୂନ୍ୟ ଜାଗାକୁ ଯାଇଥିବା ଜଣେ ମହିଳା ଦୁଷ୍କର୍ମର ଶୀକାର ହେଲେ ଏଥିରେ ବ୍ୟଥିତ ହେବାର କିଛି ନାହିଁ ଏବଂ ଏଭଳି କରିବା ଅସାମାଜିକ ପୁରୁଷମାନଙ୍କ ଅଧିକାର ଭୁକ୍ତ ବିଷୟ। ପୀଡିତାଙ୍କ ଚରିତ୍ର ହନନ କରିବା ଓ ନିଜକୁ ବଂଚାଇବାପାଇଁ ହିଁ ପୁଲିସ ଓ ଅସାମାଜିକ ଯୁବକମାନଙ୍କ ପକ୍ଷରୁ ସଂପାଦିତ ଭିଡିଓ କ୍ଲିପ୍ ସାମାଜିକ ଗଣମାଧ୍ୟମରେ ଛଡା ଯାଇଛି ଏବଂ ଯୋଜନାବଦ୍ଧ ଭାବରେ ସେଗୁଡିକର ପ୍ରସାର କରାଯାଉଛି। ମାତ୍ର ଗଣମାଧ୍ୟମର ପ୍ରଚାର ଓ 'ବିଶିଷ୍ଟ' ଲୋକମାନଙ୍କ ମତାମତକୁ ଲକ୍ଷ୍ୟକଲେ ମନେ ହେଉଛି ସତେ ଯେଭଳି ମଦପିଇ ଦେଇ ଏବଂ ତାଙ୍କୁ ରାସ୍ତାରେ ଅଟକାଇ ଅଶାଳୀନ ଆଚରଣ କରିଥିବା ଯୁବକ ମାନଙ୍କ ସହିତ ଯୁକ୍ତିତର୍କ କରି ପୀଡିତାଟି ମହା ଅପରାଧ କରିଛି ଏବଂ ତାଙ୍କୁ ରାସ୍ତାରେ ଘେରିଥିବା ଯୁବକ ଏବଂ ଥାନାରେ ନିର୍ଯ୍ୟାତିତ କରିଥିବା ପୁଲିସ କର୍ମଚାରୀମାନେ ଉଚିତ କାମ କରିଛନ୍ତି। ତା'ହେଲେ କ'ଣ ସରକାର ଓ ପୋଲିସ ପ୍ରଶାସନ ରାତିର ଏକ ନିର୍ଦ୍ଦିଷ୍ଟ ସମୟ ପରେ ସମାଜ ବିରୋଧୀ ଅପରାଧୀମାନଙ୍କୁ ଚୋରୀ, ରାହାଜାନୀ, ଧର୍ଷଣ, ହତ୍ୟା ଆଦି ଯେକୌଣସି ଜଘନ୍ୟ କାମ ବିନା ବାଧାରେ ଚଳାଇବା ପାଇଁ ସମଗ୍ର ସହରକୁ ସମର୍ପି ଦେଇଛନ୍ତି? ଏହିଭଳି ଭାବେ ଦେଶର ସ୍ୱାଧୀନତାର ଅମୃତ ମହୋତ୍ସବର ଉଦ୍‌ଯାପନୀ ପର୍ବ ପାଳନ କରାଯାଇଛି ଓ 'ବିଶ୍ୱଗୁରୁ' ହେବାର ପ୍ରସ୍ତୁତି ଚାଲିଛି।

ଭରତପୁର ଘଟଣା ଆଉ ଏକ ଉଦ୍‌ବେଗଜନକ ବିଷୟ ଲୋକଲୋଚନକୁ ଆଣିଛି। ତା'ହେଉଛି ସମସ୍ତ ପ୍ରକାର ଅପରାଧକୁ ବୌଦ୍ଧିକ ଓ ଦୈହିକଭାବରେ ସମର୍ଥନ କରିବାପାଇଁ ସମାଜର ଦଳେ ଲୋକ ସୃଷ୍ଟି ହୋଇଛନ୍ତି। ନାରୀ ନିର୍ଯ୍ୟାତନାକାରୀମାନଙ୍କୁ ବୌଦ୍ଧିକ ସମର୍ଥନ ବିଷୟ ଉପରେ ଆଲୋଚନା କରାଯାଇଛି। ମାତ୍ର ଅବସର ପ୍ରାପ୍ତ ପୁଲିସ ଅଧିକାରୀ ସଂଘ ଯେଉଁଭଳି ଭାବରେ ଗୁରୁତର ଅଭିଯୋଗରେ ଅଭୁଯୁକ୍ତ ପୁଲିସ କର୍ମଚାରୀମାନଙ୍କ ସମର୍ଥନରେ ଅତ୍ୟନ୍ତ ନିର୍ଲଜ ଭାବରେ ସାମ୍ବାଦିକ ସମ୍ମିଳନୀ କଲେ, ଶୋଭାଯାତ୍ରା କଲେ, ଗଣମାଧ୍ୟମରେ ସେମାନଙ୍କ ସମର୍ଥନରେ ବିତଣ୍ଡା ଯୁକ୍ତ ଉପସ୍ଥାପନ କଲେ ତାହା ଅଭୁତପୂର୍ବ। ନାରୀ ନିର୍ଯ୍ୟାତନାକାରୀମାନଙ୍କୁ ଏହିଭଳି ଖୋଲାଖୋଲି ସମର୍ଥନ ଆମ ରାଜ୍ୟରେ ଅତୀତରେ କେବେହେଲେ ଦେଖିବାକୁ ମିଳି ନଥିଲା। ନାରୀ ନିର୍ଯ୍ୟାତନାକାରୀଙ୍କୁ ସମର୍ଥନ କରିବା, ସେମାନଙ୍କ ସମର୍ଥନରେ ଶୋଭାଯାତ୍ରା କରିବା, ଜାମ୍ମୁ କାଶ୍ମୀର କାଠୁଆଠାରେ ଆମେ ସର୍ବପ୍ରଥମେ ଦେଖିବାକୁ ପାଇଥିଲୁ। ସେଠାରେ ବିଜେପି ଦଳପକ୍ଷରୁ ଜାତୀୟ ପତାକା ଧରି ନାବାଳିକା ଧର୍ଷଣକାରୀମାନଙ୍କୁ ଛାଡି ଦେବାପାଇଁ ଥାନା ଘେରାଓ କରାଯାଇଥିଲା। ଏହି ଶୋଭାଯାତ୍ରାରେ ସେତେବେଳେ ପିଡିପି-ବିଜେପି ମିଳିତ ମନ୍ତ୍ରୀମଣ୍ଡଳର ମନ୍ତ୍ରୀମାନେ ମଧ୍ୟ ସାମିଲ ହୋଇଥିଲେ। ଏହାପରେ ନାବାଳିକା ଧର୍ଷଣକାରୀ ବିଜେପି ବିଧାୟକ କୁଳଦୀପ ସେଙ୍ଗରକୁ ମଧ୍ୟ ବିଜେପି ଦଳର ଖୋଲାଖୋଲି ସମର୍ଥନ ଦେଖିବାକୁ ମିଳିଛି। ସେହି ତାଲିକାରେ ଅଛନ୍ତି ଭାରତୀୟ କୁସ୍ତି ସଂଘର ପୂର୍ବତନ ସଭାପତି ତଥା ବିଜେପି ନେତା ବ୍ରିଜଭୂଷଣ ସରଣ ସିଂହଙ୍କ ଭଳି ବିଜେପି ଦଳର ବହୁ ବାହୁବଳୀ ନେତା। ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠା ହେବା ସହିତ ଏହି ଉଚ୍ଚ ସଂସ୍କୃତି ବୋଧହୁଏ ବିଜେପିର ସଂସ୍କାରୀ ନେତାମାନଙ୍କ ସହିତ ଓଡିଶାରେ ପହଂଚିଛି। ସେଥିପାଇଁ କେବଳ ଅବସରପ୍ରାପ୍ତ ପୁଲିସ ଅଧିକାରୀ ସଂଘ ନୁହେଁ, ଏପରିକି କଟକ-ଭୁବନେଶ୍ୱର କମିଶନରେଟ୍ ପୁଲିସରେ କର୍ତ୍ତବ୍ୟରତ ଅଧିକାରୀମାନେ ମଧ୍ୟ ଅପରାଧର ଆପାତଃ ପ୍ରମାଣ ଆଧାରରେ ନିଲମ୍ବନ କରାଯାଇଥିବା ପୁଲିସ କର୍ମଚାରୀମାନଙ୍କ ସମର୍ଥନରେ ରିଜର୍ଭ ପୁଲିସ ପଡିଆରେ ଏକତ୍ରିତ ହୋଇ ଖୋଲାଖୋଲି ପ୍ରତିବାଦ କରିଛନ୍ତି। ଏସବୁ ପଛରେ ଯେ ବିଜେପି ଦଳ ଓ ରାଜ୍ୟ ବିଜେପି ସରକାରର ସମର୍ଥନ ରହିଛି ସେକଥା କାହାରିକୁ ବୁଝାଇ କହିବାର ଆବଶ୍ୟକତା ନାହିଁ।

ତେବେ ଏହା ରାଜ୍ୟରେ ସାଧାରଣ ଲୋକଙ୍କ ପାଇଁ ଅତ୍ୟନ୍ତ ଅଶୁଭ ସୂଚନା ବହନ କରୁଛି। କହିବା ବାହୁଲ୍ୟ, ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ଆଜିବି ଦେଶର ପୁଲିସ ଥାନା ଗୁଡିକ ଚରିତ୍ରଗତ ଭାବରେ ବ୍ରିଟିଶ ଶାସିତ ପୁଲିସ ଥାନାଠାରୁ ଆଦୌ ଭିନ୍ନ ନୁହେଁ। ଏହା ଆଜିବି ତୃଣମୂଳ ସ୍ତରରେ ଅତ୍ୟାଚାରୀ ରାଷ୍ଟ୍ରଶକ୍ତିର ନିଦର୍ଶନ, ସାଧାରଣ ଲୋକଙ୍କ ପାଇଁ ଶୋଷଣ ନିର୍ଯ୍ୟାତନାର କେନ୍ଦ୍ର। ସେଥିପାଇଁ ଆଜିବି ଥାନାବାବୁଙ୍କ ଠାରୁ ଡାକରା ପାଇଲେ କେବଳ ସାଧାରଣ ଚାଷୀ ମୂଲିଆ ନୁହଁନ୍ତି, ଯେକୌଣସି ଲୋକର ହୃଦସ୍ପନ୍ଦନ ବୃଦ୍ଧିପାଏ। ଏହା ଉପରେ ପୁଣି କେନ୍ଦ୍ର ବିଜେପି ସରକାର ତିନିଟି ନୂଆ ଅପରାଧୀକ ଆଇନ ପ୍ରଣୟନ କରି ପୁଲିସ ହାତରେ ଆହୁରି ନିରଙ୍କୁଶ କ୍ଷମତା ଅର୍ପଣ କରିଛି। ଏହା ଫଳରେ ସାଧାରଣ ମଣିଷର ନାଗରିକ ଅଧିକାର, ମାନବାଧିକାର ଆହୁରି ଗୁରୁତର ଭାବରେ ବିପନ୍ନ ହୋଇଛି। ଏହି ପରିସ୍ଥିତିରେ ଭରତପୁର ଥାନାରେ ଯୌନ ନିର୍ଯ୍ୟାତନାର ଶୀକାର ମହିଳାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା, ଅଭିଯୁକ୍ତ ପୁଲିସ ଅଧିକାରୀ ମାନଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ମଦମାଦକ ଦ୍ରବ୍ୟ, ପର୍ଣ୍ଣୋଗ୍ରାଫିର ପ୍ରସାର ସଂପୂର୍ଣ୍ଣ ବନ୍ଦ କରିବା ଏବଂ ତିନିଟି ନୂଆ ଅପରାଧୀକ ଆଇନ ପ୍ରତ୍ୟାହାର ଦାବିରେ ଦୀର୍ଘସ୍ଥାୟୀ ଆନ୍ଦୋଳନ ଗଢିତୋଳିବାପାଇଁ ଆମେ ରାଜ୍ୟର ଶୁଭବୁଦ୍ଧି ସଂପନ୍ନ ଜନସାଧାରଣଙ୍କୁ ନିବେଦନ କରୁଛୁ। ★

## ଡେଙ୍ଗୁ ରୋଗର ନିରାକରଣ ସମେତ ବିଭିନ୍ନ ଦାବିରେ ବିକ୍ଷୋଭ




କାୟା ମେଲାଉଥିବା ଡେଙ୍ଗୁ ରୋଗର ନିରାକରଣ ଓ ରୋଗୀଙ୍କୁ ମାଗଣାରେ ଚିକିତ୍ସା ପାଇଁ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ଯୁଦ୍ଧକାଳୀନ ଭିତ୍ତିରେ ଗ୍ରହଣ କରିବା, ଅନୁଗୁଳ ସହରର ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ଅନୁଗୁଳ ସହରରେଥିବା ସମସ୍ତ ରାସ୍ତାକୁ ପାର୍ବଣ ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତରେ ମରାମତି କରିବା, ସହର ମଧ୍ୟରେ ଟ୍ରାଫିକ୍ ସମସ୍ୟାର ସମାଧାନ କରିବା ଦାବିରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ପକ୍ଷରୁ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ଦାବିପତ୍ର ପ୍ରଦାନ କରାଯାଇଛି। ପାର୍ଟି ଜିଲ୍ଲା କମିଟି ସଦସ୍ୟ କମ୍ରେଡ୍ ନବକିଶୋର ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ରାଜ୍ୟ କମିଟି ସଭ୍ୟ କମ୍ରେଡ୍ ବ୍ରଜବନ୍ଧୁ ସାହୁଙ୍କ ସମେତ କମ୍ରେଡ ସୁବାସ ପ୍ରଧାନ, ମାନସ ପାଳ, ସଞ୍ଜୟ ସାହୁ, ମନ୍ଦୋଦରୀ ରାଉଳ, ଜ୍ୟୋତ୍ସ୍ନାରାଣୀ ସାମଲ, ଭରତ ନାଏକ, ଆଡ୍‌ଭୋକେଟ୍ ତରୁଣ ଦେହୁରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ୪ବର୍ଷିଆ ଡିଗ୍ରୀ କୋର୍ସ - ଉଚ୍ଚ ଶିକ୍ଷାର କଣ୍ଠରୋଧ

କଲେଜ ଓ ବିଶ୍ୱବିଦ୍ୟାଳୟରେ ସ୍ନାତକ ଶ୍ରେଣୀ ପାଇଁ ଫର୍ମ ବାହାରିଲା। ପ୍ରଥମ ଚରଣର ଆଡମିସନ ଶେଷ ହୋଇଗଲା। ଅଗଷ୍ଟ ୧ତାରିଖରୁ ସରକାରୀ ଆଦେଶ ମୁତାବକ ଓଡିଶାର ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ପାଠ ପଢା ବି ଆରମ୍ଭ ହୋଇଗଲା। ଛାତ୍ର-ଛାତ୍ରୀମାନେ ପ୍ରତ୍ୟେକ ନୂଆ କଲେଜର ବାତାବରଣ ସହିତ ନିଜକୁ ଖାପ-ଖୁଆଇବାକୁ ଚେଷ୍ଟା କରୁଥାନ୍ତି। ଶିକ୍ଷକମାନେ ପାଠ୍ୟକ୍ରମରେ ନିଜ ନିଜର ଅଂଶ ପଢାଇବା ଆରମ୍ଭ କରିଦେଇ ଥାଆନ୍ତି। ପିଲାମାନେ ଜାଣି ଥାଆନ୍ତି, ସେମାନେ ୩ବର୍ଷିଆ ସ୍ନାତକ ଶ୍ରେଣୀରେ ନାମ ଲେଖାଇଛନ୍ତି। ଯେଉଁଥିରେ ୬ଟି ସେମିଷ୍ଟାର ପରୀକ୍ଷା ହେବ। କାରଣ ଏହା ଆରମ୍ଭରୁ ହିଁ ସମସ୍ତ ଶିକ୍ଷାନୁଷ୍ଠାନର ପ୍ରବେଶିକା ପୁସ୍ତକ(Prospectus)ରେ ଖୁବ୍ ସ୍ୱଷ୍ଟ ଭାବରେ ଉଲ୍ଲେଖ ଥିଲା। କିନ୍ତୁ ଏହିପରି ଏକ ସମୟରେ ଓଡିଶାର ନୂତନ ଭାବେ ନିର୍ବାଚିତ ବିଜେପି ସରକାର ତରବରିଆଭାବେ ଓଡ଼ିଶାର ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ନୂଆ ପାଠ୍ୟକ୍ରମ ମୁତାବକ ପାଠପଢା ହେବ ବୋଲି ନିଷ୍ପତ୍ତି ନେଲେ। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଏଥିପାଇଁ ପାଠ୍ୟ ଖସଡା ସମସ୍ତ ଶିକ୍ଷାନୁଷ୍ଠାନକୁ ପଠାଇ ଦେଲେ ଓ ପ୍ରତ୍ୟେକ ଉଚ୍ଚଶିକ୍ଷାନୁଷ୍ଠାନରେ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଗଲା। ରାତାରାତି ସଂପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ କରାଗଲା। ଏହା ସହିତ ସଂଶ୍ଲିଷ୍ଟ ସମସ୍ତଙ୍କ ମୁଣ୍ଡରେ ଚଡକ ପଡିଲା। ଦେଖାଗଲା ଏହି ବ୍ୟବସ୍ଥାଟି ଅଡୁଆ ସୂତାର ଏକ ଛନ୍ଦାଛନ୍ଦି ହୋଇଥିବା ଗୋଲକ ଧନ୍ଦା। ଗୋଟିଏ ପଟରେ ଖିଅକୁ ଖୋଲିବାକୁ ଚେଷ୍ଟା କଲେ, ଆରପଟରେ ଗଣ୍ଠି ପଡିଯାଉଛି।

ସେପ୍ଟେମ୍ବର ମାସ ୪ତାରିଖରେ ଓଡିଶା ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହାକୁ ଲାଗୁ କରିବାପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏକ ଦୁଇଦିନିଆ, ଆଲୋଚନା ଚକ୍ର ରଖାଗଲା। ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୂଳପତି, କଲେଜ ପ୍ରିନ୍‌ସିପାଲ, ବରିଷ୍ଠ ଅଧ୍ୟାପକମାନଙ୍କୁ ନେଇ ଏହି ଦୁଇ ଦିନିଆ ଆଲୋଚନା ଚକ୍ରରେ ବେଶ ଭାଷଣବାଜି ହେଲା କିନ୍ତୁ କଲେଜ ବା ବିଶ୍ୱବିଦ୍ୟାଳୟ ସ୍ତରରେ ଏହାକୁ କିପରି ଲାଗୁ କରାଯିବ, ତାର କୌଣସି ନିର୍ଦ୍ଦିଷ୍ଟ ଖସଡା ବାହାରି ପାରିଲା ନାହିଁ। ଓଡିଶା ରାଜ୍ୟ ଶିକ୍ଷା ପରିଷଦ ଦ୍ୱାରା ପ୍ରସ୍ତୁତ ଏହି ପାଠ୍ୟକ୍ରମକୁ ବିବେଚନା କଲେ ମୁଣ୍ଡ ଘୁରାଇଯିବା ସୁନିଶ୍ଚିତ। ପୂର୍ବ ବ୍ୟବସ୍ଥା ମୁତାବକ ଗୋଟିଏ ପିଲା +୩ ଶ୍ରେଣୀରେ ଯୋଗ ଦେଲେ, ସେ ୩ବର୍ଷରେ ୬ଟି ସେମିଷ୍ଟାର ପରୀକ୍ଷା ଦେଇ, ଗୋଟିଏ ସାର୍ଟିଫିକେଟ ସହ ସ୍ନାତକ ଶ୍ରେଣୀ ଉତ୍ତିର୍ଣ୍ଣ ହେଉଥିଲା। କିନ୍ତୁ ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ର ଏହି ନୂଆ ବ୍ୟବସ୍ଥାରେ ଗୋଟିଏ ପିଲା ସ୍ନାତକ ଶ୍ରେଣୀରେ ନାମ ଲେଖାଇଲେ, ୭ପ୍ରକାର ସାର୍ଟିଫିକେଟ ନେଇ ପାସ କରିବାର ବ୍ୟବସ୍ଥା ରହିଛି।

ପ୍ରଥମତଃ, ଜଣେ ଛାତ୍ର ଗୋଟିଏ ବର୍ଷ ପଢିବ, ଦୁଇଟି ସେମିଷ୍ଟାର ପରୀକ୍ଷା ସହ ଖରାଛୁଟିରେ କିଛି ଇଣ୍ଟର୍ଣ୍ଣସିପ ପାଠ(ଇଲେକ୍ଟ୍ରିସିଆ, ଫିଟର ପରି କାରିଗରୀ ବିଦ୍ୟାରେ) ଶେଷ କରି ସ୍ନାତକ-ସାର୍ଟିଫିକେଟ କୋର୍ସ ସହ କଲେଜରୁ ବାହାରି ଯାଇ ପାରିବ। ଦ୍ୱିତୀୟତଃ, ଜଣେ ଛାତ୍ର ଦୁଇ ବର୍ଷର ୪ଟି ସେମିଷ୍ଟାର ପରୀକ୍ଷା ସହ ଖରାଛୁଟିରେ ଇଣ୍ଟର୍ଣ୍ଣସିପ ପାଠ ଶେଷ କରି ସ୍ନାତକ-ଡିପ୍ଲୋମା ସାର୍ଟିଫିକେଟ୍ ନେଇ ବାହାରି ଯାଇପାରିବ। ତୃତୀୟତଃ, ୩ବର୍ଷରେ ୬ଟି ସେମିଷ୍ଟାର ପାସ କରି, ଗୋଟିଏ ବିଷୟକୁ ଅନର୍ସ ବା ମୁଖ୍ୟ ବିଷୟ ଭାବେ ରଖି ତିନି ବର୍ଷିଆ ସ୍ନାତକ ଡିଗ୍ରୀ ନେଇ ପାସ କରିପାରିବ। ଚତୁର୍ଥତଃ, ତିନି ବର୍ଷରେ ୬ଟି ସେମିଷ୍ଟାର ପାସ କରି, ଦୁଇଟି ବିଷୟକୁ ଅନର୍ସ ବା ମୁଖ୍ୟ ବିଷୟ ଭାବରେ ରଖି ତିନି ବର୍ଷିଆ ସ୍ନାତକ ଡିଗ୍ରୀ ନେଇ ପାସ କରିପାରିବ। ପଞ୍ଚମତଃ, ତିନି ବର୍ଷର ୬ଟି ସେମିଷ୍ଟାର ପାସ କରି, କୌଣସି ବିଷୟକୁ ଅନର୍ସ ବା ମୁଖ୍ୟ ବିଷୟ ଭାବେ ନ ରଖି ତିନି ବର୍ଷିଆ ସ୍ନାତକ ଡିଗ୍ରୀ ନେଇ ପାସ କରିପାରିବ। ଷଷ୍ଠତଃ, ଗବେଷଣା ବିନା ୪ବର୍ଷିଆ ଅନର୍ସ କୋର୍ସ ଏବଂ ସପ୍ତମତଃ, ଗବେଷଣା ସହ ୪ବର୍ଷିଆ ଅନର୍ସ କୋର୍ସ।

ଏହି ମହାଜଟିଳ ବ୍ୟବସ୍ଥା, ଗୋଟିଏ ଶ୍ରେଣୀ କିନ୍ତୁ ସାତ ପ୍ରକାର ପ୍ରସ୍ଥାନ ଦ୍ୱାରର ଆବଶ୍ୟକତା କ'ଣ? ପ୍ରକୃତରେ ସ୍ନାତକ ପାଠପଢାର ଉଦ୍ଦେଶ୍ୟ କ'ଣ? ଏପରି ସାତ ପଥ ପ୍ରସ୍ଥାନର ଜଟିଳ ବ୍ୟବସ୍ଥା କ'ଣ ସତରେ ଏହି ଶ୍ରେଣୀରେ ପାଠ ପଢିବାର ମୂଳ ଉଦ୍ଦେଶ୍ୟକୁ କୌଣସି ଭାବରେ ସାହାଯ୍ୟ କରିବ? ତେବେ ଏହି ବିଷୟ ମଧ୍ୟକୁ ଯିବା ପୂର୍ବରୁ ଆଉ ଗୋଟିଏ କଥା କହି ରଖିବା ଜରୁରୀ।

ଏହି ପାଠ୍ୟ ଖସଡାର ଅନ୍ୟ ଏକ ଦିଗ ଅଛି। ଯଦି କେହି ଛାତ୍ର ପ୍ରଥମ ବର୍ଷ ବା ଦ୍ୱିତୀୟ ବର୍ଷ ପାଠ ଅଧାରୁ ଛାଡି ତଥାକଥିତ ସାର୍ଟିଫିକେଟ୍ ବା ଡିପ୍ଲୋମା ବା ଡିଗ୍ରୀ ସହ ବାହାରି ଯାଇଥିବ ସେ ତାର ୨ବର୍ଷ ମଧ୍ୟରେ ପୁନରାୟ ନାମ ଲେଖାଇ ସଂପୂର୍ଣ୍ଣ ୩ବର୍ଷିଆ ବା ୪ବର୍ଷିଆ ସ୍ନାତକ ଡିଗ୍ରୀ ସଂପୂର୍ଣ୍ଣ କରିପାରିବ। ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ ଗୋଟିଏ ପିଲା କାହିଁକି ନିଜ ମୂଲ୍ୟବାନ ସମୟ ନଷ୍ଟ କରି ପ୍ରଥମ ବର୍ଷ ବା ଦ୍ୱିତୀୟ ବର୍ଷ ପାଠ ଛାଡିଦେବ ପୁଣି ଫେରିଆସି ସେହି ପାଠ୍ୟକ୍ରମରେ ଯୋଗ ଦେବ? ପୁଣି ପାଠ ପଢିବା-ପଢାଇବା ଏକ ନିରବଚ୍ଛିନ୍ନ ପ୍ରକ୍ରିୟା। କେଉଁଠାରେ କେବେ ମଝିରୁ ପାଠ ଛାଡିବା ଏକ ବ୍ୟତିକ୍ରମ ହୋଇପାରେ, କିନ୍ତୁ ସୁନିର୍ଦ୍ଦିଷ୍ଟ ଭାବରେ ଗୋଟିଏ ବର୍ଷ ବା ଦୁଇବର୍ଷ ପାଠପଢି ଗୋଟିଏ ଅଧାପନ୍ତରିଆ ସାର୍ଟିଫିକେଟ୍ ନେଇ ୨ବର୍ଷ କାଳ ବାହାରେ ବୁଲିବାର ଆବଶ୍ୟକତା କ'ଣ? ଏହାର ଉଦ୍ଦେଶ୍ୟ କ'ଣ? ଏଥିରେ ପାଠପଢିବାର ମହାନ ଧାରାଟି କ'ଣ ଚରିତାର୍ଥ ହେବ? ବରଂ ପାଠପଢାରୁ ଦୂରରେ ରହିଲେ ପୂର୍ବପାଠ ସହ ସଂପର୍କ ଛିନ୍ନ ହେବ ଏବଂ ନୂଆ ଭାବରେ ପୁନରାୟ ପାଠ୍ୟକ୍ରମରେ ଯୋଗ ଦେଇ ୩ ବା ୪ବର୍ଷିଆ ସ୍ନାତକ ଡିଗ୍ରୀପାଇଁ ପାଠ ପଢିବାର ସାହସ ମଧ୍ୟ ରହିବ ନାହିଁ। ତେଣୁ ମଝିରେ ପାଠ ଛାଡିବାକୁ ଏକ ସୁନିର୍ଦ୍ଦିଷ୍ଟ ବ୍ୟବସ୍ଥାର ରୂପ ଦେଇ ସରକାର କିଛି ଅଧାପାଠୁଆ ସୃଷ୍ଟି କରିବାର ଅଭିସନ୍ଧି ହିଁ କରିଛନ୍ତି। ଏହା ଛଡା ଏପରି ବ୍ୟବସ୍ଥାର ଆଉ କ'ଣ ବା କାରଣ ହୋଇପାରେ?

ଆମେ କେବେ ଗୋଟିଏ ନୂଆ ରାସ୍ତାରେ ଯିବା ସମୟରେ ଯଦି ଦୋଛକି ଟିଏ ପଡେ, ତେବେ କେଉଁ ରାସ୍ତାଟି ନେଲେ ଠିକ୍ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବୁ ତାହା ଠିକ କରିବା କଠିନ ହୋଇପଡେ, ପାଂଚ ଲୋକକୁ ପଚାରିଲା ପରେ ମଧ୍ୟ ଭୁଲ ରାସ୍ତାଟି ଧରି ନେବାର ଯଥେଷ୍ଟ ସମ୍ଭାବନା ଥାଏ। ଭାବି ଦେଖନ୍ତୁତ ଗୋଟିଏ ୧୮-୧୯ବର୍ଷର ପିଲାକୁ ଏହିପରି ଏକ ୭ଛକିଆ ରାସ୍ତାରେ ଯଦି ଠିଆ କରି ଦିଆଯାଏ ଏବଂ ତାକୁ ତା'ର ଭବିଷ୍ୟତର ରାସ୍ତା ବାଛିବାକୁ କୁହାଯାଏ ତେବେ ତାର କି ପରିଣତ ହେବ? ଏହା ନିଶ୍ଚିତ ଯେ ଗୋଟିଏ ବଡ ସଂଖ୍ୟାର ଛାତ୍ର ବାଟବଣା ହେବେ। କେବେ ଏପଟ ପୁଣି କେବେ ସେପଟ ରାସ୍ତାରେ ଆଗ ପଛ ହେଉ ହେଉ ଜ୍ଞାନ ଅର୍ଜନର ମୂଳ ବିଷୟଟି ଅବାଟରେ ଯାଇ ଲକ୍ଷ୍ୟ ସ୍ଥଳରୁ ବିଚ୍ୟୁତ ହେବାପାଇଁ ବାଧ୍ୟ ହେବେ। ସବୁ ଜାଣିବୁଝି ଛାତ୍ରମାନଙ୍କୁ ବାଟବଣା କରିବା ପାଇଁ ଏହି ଯେଉଁ ଷଡଯନ୍ତ୍ର କରାଯାଉଛି ତାହାର ପ୍ରକୃତ ଉଦ୍ଦେଶ୍ୟ କ'ଣ? ଏହା ମାନବ ଜାତି ପାଇଁ, ଭବିଷ୍ୟତ ପୀଢିର ପିଲାଙ୍କ ଜ୍ଞାନ ଅର୍ଜନ ମାର୍ଗରେ ଏକ ବିରାଟ ପ୍ରତିବନ୍ଧକ ନୁହେଁ କି?

ପାଠପଢିବା ଓ ପଢାଇବା ପ୍ରକ୍ରିୟାରେ ଯେଉଁଠାରେ ଉଚ୍ଚତର ଜ୍ଞାନର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା ହୁଏ ସେଠାରେ ଛାତ୍ର ଶିକ୍ଷକ ମଧ୍ୟରେ ଏକ ସୂକ୍ଷ୍ମ ସଂପର୍କ ଗଢିଉଠିବା ହେଉଛି ପ୍ରାଥମିକ ଆବଶ୍ୟକତା। ଶିକ୍ଷକମାନଙ୍କୁ ଭଲ ପାଇବା ମଧ୍ୟରେ ଛାତ୍ରଛାତ୍ରୀମାନେ ଜ୍ଞାନର ବିଭିନ୍ନ ଦିଗ ପ୍ରତି ଆକୃଷ୍ଟ ହୁଅନ୍ତି। ପ୍ରଶ୍ନ କରିବା, ଚର୍ଚ୍ଚା-ଆଲୋଚନା କରିବା, ଗଭୀରଭାବେ ଅଧ୍ୟୟନ କରିବାପାଇଁ ମାନସିକ ସ୍ତରରେ ପ୍ରେରଣା ମଧ୍ୟ ଛାତ୍ର-ଛାତ୍ରୀମାନେ ଶିକ୍ଷକମାନଙ୍କୁ ଦେଖି ଶିଖିଥାଆନ୍ତି। କିନ୍ତୁ ବର୍ତ୍ତମାନର ଏହି ଶିକ୍ଷାନୀତି ଛାତ୍ର-ଶିକ୍ଷକର ସଂପର୍କକୁ ସମୂଳେ ଧ୍ୱଂସ କରିବ।

ପ୍ରଥମ ବର୍ଷ ଶେଷ ହେଉ ହେଉ କିଛି ପିଲା ଛାଡି ଚାଲିଯିବେ, ପୁନରାୟ କିଛି ପୁରୁଣା ପିଲା ହୁଏତ ୧ବର୍ଷ ବା ୨ବର୍ଷ ତଳର ଯିଏ ପୂର୍ବରୁ ସ୍ନାତକ-ସାର୍ଟିଫିକେଟ କୋର୍ସ କରିଥିବେ ସେମାନେ ଆସି ଯୋଗ ଦେବେ। ଏହିପରି ପରିସ୍ଥିତି ୨ୟ ଏବଂ ୩ୟ ବର୍ଷ ପିଲାମାନଙ୍କ ପାଇଁ ଲାଗି ରହିବ। ତେଣୁ କୌଣସି ବର୍ଷ ଶ୍ରେଣୀରେ ସମାନ ପିଲା ରହିବେ ନାହିଁ। ପ୍ରତିବର୍ଷ ବଦଳୁଥିବା ଏହି ଛାତ୍ରମାନଙ୍କ ସହ ଶିକ୍ଷକମାନଙ୍କର କେବେ ବି ଘନିଷ୍ଠତା ଗଢି ଉଠିପାରିବ ନାହିଁ। ପରିସ୍ଥିତି ଏହିପରି ହେବ ଯେ, ଶିକ୍ଷକମାନେ ଗୋଟିଏ ଗୋଟିଏ କ୍ଲାସ ନେଉଛନ୍ତି, କିନ୍ତୁ ଏବର୍ଷ ଯେଉଁ ପିଲା ଅଛନ୍ତି ସେମାନେ ଆସନ୍ତା ବର୍ଷ ନାହାନ୍ତି। କେଉଁ ଛାତ୍ର ଗୋଟିଏ କୋର୍ସ ନେଉଛି, ପୁଣି କେହି ଅନ୍ୟଗୋଟିଏ। ଶ୍ରେଣୀଗୃହଟି ଭ୍ରାମ୍ୟମାଣ ଛାତ୍ରଙ୍କର ଏକ ଅସ୍ଥାୟୀ ଆଶ୍ରୟ ସ୍ଥଳରେ ପରିଣତ ହୋଇଛି। ତେଣୁ ଛାତ୍ର-ଶିକ୍ଷକ ସଂପର୍କର ଯେଉଁ ସୂକ୍ଷ୍ମ ବନ୍ଧନ ମଧ୍ୟରେ ଜ୍ଞାନ-ବିଜ୍ଞାନର ବିଭିନ୍ନ ଦିଗଗୁଡିକ ଜୀବନ ସହ ଏକାତ୍ମ ହୋଇ ପ୍ରସ୍ଫୁଟିତ ହେବା କଥା ତାହା କଢରୁ ହିଁ ମଉଳି ଯିବ। ଏହା ହିଁ ହେବ ଏହାର ଅପରିହାର୍ଯ୍ୟ ପରିଣତି।

ଏହି ଶିକ୍ଷା ଖସଡା ପୁଣି କହୁଛି କି, ଯଦି କେହି ଛାତ୍ର ଚାହିଁବେ ତେବେ କୌଣସି ବିଶେଷ ପେପର ବା ବିଷୟ ନିଜ କଲେଜ ବା ବିଶ୍ୱବିଦ୍ୟାଳୟକୁ ବାଦ ଦେଇ ଅନ୍ୟ କୌଣସି ଶିକ୍ଷାନୁଷ୍ଠାନରୁ କରିପାରିବେ ନଚେତ୍ କୌଣସି ଅନଲାଇନ କୋର୍ସରୁ ମଧ୍ୟ କରିପାରିବେ। ଏହା ସହିତ ପଦାର୍ଥ ବିଜ୍ଞାନ ବା ଗଣିତରେ ଅନର୍ସ କରୁଥିବା ପିଲାଟି ଶାସ୍ତ୍ରୀୟ ସଂଗୀତ ବା ସମାଜ ବିଜ୍ଞାନକୁ ମାଇନର ବା ଇଲେକ୍ଟିଭ ବା ସହଯୋଗୀ ବିଷୟ ଭାବରେ ନେଇପାରିବେ। କହିବାର ତାତ୍ପର୍ଯ୍ୟ ହେଉଛି ସ୍ନାତକ ପାଠପଢାରେ ଗୋଟିଏ ମୁଖ୍ୟ ବିଷୟ ବା ଅନର୍ସରେ ଉଚ୍ଚତର ଶିକ୍ଷା ଗ୍ରହଣ କରିବା ସହ ଏପରି ସହଯୋଗୀ ବିଷୟ ନେବାର ବ୍ୟବସ୍ଥା କରାଯାଇଥାଏ ଯାହା ଫଳରେ ମୁଖ୍ୟ ବିଷୟଟିକୁ ସାମଗ୍ରିକ ଭାବେ ବୁଝିବା ବା ବିଭିନ୍ନ ଦିଗରୁ ବୁଝିବାରେ ଏହା ସହାୟକ ହୋଇଥାଏ। ଯେପରି ପ୍ରାଣୀ ବା ଉଦ୍ଭିଦ ବିଜ୍ଞାନ ସହ ରାସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ ସହ ଗଣିତ, ଅର୍ଥଶାସ୍ତ୍ର ସହ ରାଜନୀତି ବିଜ୍ଞାନ, ଶାସ୍ତ୍ରୀୟ ସଂଗୀତ ସହ ମାତୃଭାଷା କିନ୍ତୁ ଏହି ମୁଖ୍ୟ ବିଷୟ ସହ ସଂପୂର୍ଣ୍ଣ ଭାବରେ ସଂପର୍କ ବିହୀନ କୌଣସି ବିଷୟକୁ ସହଯୋଗୀ ବିଷୟ ଭାବରେ ନେଲେ ନା ଅନର୍ସ ବା ମୁଖ୍ୟ ବିଷୟକୁ ବୁଝିବାରେ ସାହାଯ୍ୟ ହେବ ନା ସହଯୋଗୀ ବିଷୟଟିରେ ବିଶେଷ ଦକ୍ଷତା ହାସଲ କରି ହେବ। ତେଣୁ ଛାତ୍ରଟିଏ, ଯିଏ କି ଉଚ୍ଚତର ଜ୍ଞାନ ପାଇଁ ସ୍ନାତକ ଶ୍ରେଣୀରେ ନାମ ଲେଖାଏ ସେ ଗୋଟିଏ ଅଣାୟତ୍ତ ପେଣ୍ଡୁଲମ୍ ପରି କେବେ କିଚି ଅସଂଯୋଜିତ ବିଷୟ ବସ୍ତୁ ମଧ୍ୟରେ- କେବେ ପୁଣି କୌଣସି ସଂପର୍କ ନଥିବା ଦୂର ଦୂରାନ୍ତର ଦୁଇଟି ବା ତତୋଃଧିକ କଲେଜ- ବିଶ୍ୱବିଦ୍ୟାଳୟ ମଧ୍ୟରେ ଝୁଲିବାକୁ ଲାଗିବ। ବିଶ୍ୱିବିଦ୍ୟାଳୟର ବାରଣ୍ଡା, ଶ୍ରେଣୀଗୃହ, ପାଠାଗାର, ହଷ୍ଟେଲ ଭିତରରେ ବୁଲୁ ବୁଲୁ ଶିକ୍ଷକମାନଙ୍କ ସହ ବିଭିନ୍ନ ଭାବରେ ଉଭୟ ଔପଚାରିକ ଓ ଅନୌପଚାରିକ ଭାବରେ ମିଶୁ ମିଶୁ ଛାତ୍ରଟିଏ ଏକ ସ୍ୱାଭାବିକ ପ୍ରକ୍ରିୟାରେ ଜ୍ଞାନର ଗନ୍ତାଘର ଭିତରେ ପ୍ରବେଶ କରେ। ଏପରିକି ସେ କଲେଜ ଏବଂ ହଷ୍ଟେଲ ମ୍ୟାଗାଜିନ ପାଇଁ ଲେଖାଟିଏ ପ୍ରସ୍ତୁତ କରିବା ଭିତରେ ନିଜର ସୃଜନଶୀଳତାକୁ ଉଖୁରେଇ ନିଜେ ନିଜକୁ ପରୀକ୍ଷା କରିନିଏ। କିନ୍ତୁ ଏହି ଶିକ୍ଷା ବ୍ୟବସ୍ଥା ଏ ସମସ୍ତ ପ୍ରକ୍ରିୟାରେ ଗୋଟିଏ ପୂର୍ଣ୍ଣଚ୍ଛେଦ ଟାଣି ଦେଇଛି। ଏହା ବଦଳରେ ପାଠପଢାରେ ଏକ ମଲ ବା ଦୋକାନର ସଂସ୍କୃତି ଆଣିବାର ଚେଷ୍ଟା କରିଛି, ଯାହା ଅତ୍ୟନ୍ତ ଭୟଙ୍କର। ଅର୍ଥାତ୍ କେହି ଅତ୍ୟନ୍ତ ଅସନ୍ତୁଷ୍ଟ ଗ୍ରାହକ ଯେପରି ହଜାର ଦୋକାନ ମୁଲେଇ ମୁଲେଇ କୌଣସି ଗୋଟିଏ ଜାଗାରୁ ଜିନିଷଟିଏ କିଣି ନିଜେ ଏକ ଗଡ ଜୟ କରିବାର ଧାରଣାରେ ରହେ, ଠିକ୍ ସେହିପରି ଛାତ୍ରଟିଏ ବାବନା ଭୂତ ଭଳି ଘୁରିବୁଲିବାକୁ ହିଁ ଏହି ଏନ୍‌ଇପି-୨୦୨୦ ସୁନିଶ୍ଚିତ କରୁଛି। ଛାତ୍ରଟିଏ ଯେକୌଣସି ଗୋଟିଏ ବିଷୟର ମରମ କଥା ବିଭିନ୍ନ ଲେଖକଙ୍କ ଦ୍ୱାରା ଲେଖା ପାଠ୍ୟପୁସ୍ତକ ମଧ୍ୟରେ ଖୋଜିବ। ଗୋଟିଏ ବିଷୟକୁ କିପରି ବିଭିନ୍ନ ଦିଗରୁ ପର୍ଯ୍ୟାଲୋଚନା କରାଯାଏ ତାହା ଶିଖିବ, ଏହାର ଅର୍ଥ ନୁହେଁ ଗୋଟିଏ ସ୍ନାତକ ଡିଗ୍ରୀ ପାଇଁ ୨ଟା କି ୩ଟା କି ୪ଟା ଶିକ୍ଷାନୁଷ୍ଠାନର ଦାଣ୍ଡରେ ଅଧିଆ ପଡିବ।

କଥା ଏତିକିରେ ଶେଷ ହୋଇନାହିଁ। ବର୍ତ୍ତମାନ ଏହି ଏନ୍‌ଇପି-୨୦୨୦ମୁତାବକ ସ୍ନାତକ ଶ୍ରେଣୀ ପାଇଁ ଗୋଟିଏ ଛାତ୍ରକୁ ଅନର୍ସ ମୁଖ୍ୟ ବିଷୟ ଏବଂ ସହଯୋଗୀ ବିଷୟସହ ଅଧିକନ୍ତୁ ସ୍କିଲ ଏନହାନ୍‌ସମେଣ୍ଟ କୋର୍ସ, ମଲଟି-ଡିସିପ୍ଲିନାରି କୋର୍ସ, ଭ୍ୟାଲୁ ଆଡେଡ କୋର୍ସ, ଆବିଲିଟି ଏନ୍‌ହାନ୍‌ସମେଣ୍ଟ କୋର୍ସ ନାମରେ ପ୍ରାୟ ଅଧିକ ୧୦ଟି ମହା ଖେଚୁଡି ବିଷୟ ପଢିବାକୁ ପଡିବ। ଏଥିରୁ କିଛି କୋର୍ସ ପିଲାମାନେ ଅନଲାଇନରେ ପ୍ରସ୍ତୁତ ହୋଇଥିବା ବିଷୟଗୁଡିକରୁ ପଢି ନେବାପାଇଁ କୁହାଯାଇଛି।

ଏହି ଆଲୋଚନାରୁ ସ୍ପଷ୍ଟ ହେଉଛି ଯେ ବର୍ତ୍ତମାନ ନବ ନିର୍ବାଚିତ ବିଜେପି ରାଜ୍ୟ ସରକାର ସ୍ନାତକ ପାଠ୍ୟକ୍ରମ ସ୍ତରରେ ଯେଉଁ ନୂତନ ଶିକ୍ଷାନୀତିଟି ଲାଗୁ କରିଛନ୍ତି ତାହା ବସ୍ତୁତଃ ଉଚ୍ଚଶିକ୍ଷାର ମୂଳ ଉଦ୍ଦେଶ୍ୟ ଯାହା ଗୋଟିଏ ଦିଗରେ ଏକ ନିର୍ଦ୍ଦିଷ୍ଟ ବିଷୟରେ ଉଚ୍ଚତର ଜ୍ଞାନ ଗଢିତୋଳିବା ଏବଂ ଅନ୍ୟଦିଗରେ ଏକ ସାମଗ୍ରିକ ଭାବରେ ସମାଜ ଦରଦୀ ନାଗରିକ ଗଢିତୋଳିବା ପାଇଁ ଉଦ୍ଦିଷ୍ଟ ତାହାକୁ ସମୂଳେ ବିନାଶ କରିବ।

ପାଠକମାନଙ୍କର ମନେ ହୋଇପାରେ ଯେ ତା'ହେଲେ ସ୍ନାତକ ଶ୍ରେଣୀରେ ବର୍ତ୍ତମାନ ପ୍ରଚଳିତ ପାଠ୍ୟକ୍ରମ ବା ପାଠ୍ୟଖସଡାରେ କ'ଣ କୌଣସି ପରିବର୍ତ୍ତନ ଆବଶ୍ୟକ ନାହିଁ? ଏହା କ'ଣ ଅପରିବର୍ତ୍ତନୀୟ? ବିଷୟଟି ଆଦୌ ସେଭଳି ନୁହେଁ। ମଣିଷ ସୃଷ୍ଟି କରିଥିବା ଜ୍ଞାନ ଭଣ୍ଡାରରେ ପ୍ରତିନିୟତ ପରିବର୍ତ୍ତନ ହେଉଛି। ଏପରିକି ପାଠପଢାଇବାର ପ୍ରକ୍ରିୟାରେ ମଧ୍ୟ ପ୍ରତିନିୟତ ଗବେଷଣା ହେଉଛି ଏବଂ ନୂଆ ପଦ୍ଧତି ସଂଯୋଜିତ ହେଉଛି। ତେଣୁ ଏହି ନୂତନ ଜ୍ଞାନ ଓ ନୂତନ ପ୍ରକ୍ରିୟାକୁ ଆପଣେଇ ନେବା ପାଇଁ ବିଶ୍ୱବିଦ୍ୟାଳୟ ସ୍ତରରେ ସୁନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥା ମୁତାବକ ପ୍ରତ୍ୟେକ ବିଭାଗର ବରିଷ୍ଠ ଅଧ୍ୟାପକମାନେ ପ୍ରତିବର୍ଷ ପାଠ୍ୟକ୍ରମର ପୁର୍ନମୂଲ୍ୟାୟନ କରନ୍ତି ଏବଂ ଏଥିରେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଏବଂ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟର ଅଭିଜ୍ଞତାକୁ ଏକତ୍ରିତ କରିବାପାଇଁ ସେହି ବିଶ୍ୱବିଦ୍ୟାଳୟର ବିଷୟବସ୍ତୁ ବିଶେଷଜ୍ଞମାନେ ମଧ୍ୟ ଏଥିରେ ଯୋଗ ଦିଅନ୍ତି। ଏହାକୁ ପ୍ରତି ବିଭାଗର 'ବୋର୍ଡ ଅଫ୍ ଷ୍ଟଡିସ୍' ବୋଲି କୁହାଯାଏ। ତେଣୁ ଅଭିଜ୍ଞ ଶିକ୍ଷକମାନଙ୍କ ଠାରୁ ପରାମର୍ଶ ନେଇ ବିଶେଷ ବିଭାଗର ଶିକ୍ଷକମାନେ ନିଜର ପଠାଇବା ଓ ଗବେଷଣାର ଅଭିଜ୍ଞତାକୁ ଏକତ୍ରିତ କରି ପାଠ୍ୟକ୍ରମକୁ ପ୍ରତିବର୍ଷ ପରିବର୍ତ୍ତନ କରିବାର ବ୍ୟବସ୍ଥା ରହିଛି ଏବଂ ସମସ୍ତ ବିଭାଗଗୁଡିକର ମିଳିତ ମତାମତଗୁଡିକୁ ଏକାଠି କରି ସମଗ୍ର ବିଶ୍ୱବିଦ୍ୟାଳୟ ସ୍ତରରେ ପାଠ୍ୟଖସଡା ପ୍ରସ୍ତୁତ କରାଯାଏ। ଏହାକୁ ଏକାଡେମିକ କାଉନ୍‌ସିଲ ବୋଲି କୁହାଯାଏ। ତେଣୁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ପାଠ୍ୟ ବିଷୟବସ୍ତୁ ଓ ପାଠ୍ୟ ଖସଡାକୁ ସମୟ ସହ ତାଳ ଦେଇ ଆଗେଇ ନେବାପାଇଁ ସୁନିଶ୍ଚିତ ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥାଟିକୁ ଆହୁରି ସଂହତ ଓ ଦୃଢ କରିବାର ଆବଶ୍ୟକତା ରହିଛି। କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ ଏହି ବ୍ୟବସ୍ଥାଟିକୁ ସଂପୂର୍ଣ୍ଣ ଭିତରୁ ଅନ୍ତଃସାରଶୁନ୍ୟ କରିଦେଇ ସରକାର ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଉପରେ ଏକ ପୂର୍ବ ପ୍ରସ୍ତୁତ ପାଠ୍ୟ ବିଷୟ ଏବଂ ପାଠ୍ୟ ଖସଡା ଲଦି ଦେଇଛନ୍ତି। ଆମେ ପୂର୍ବ ଆଲୋଚନାରେ ସ୍ପଷ୍ଟ ଭାବରେ ଦର୍ଶାଇଛୁ ଯେ ତାହା ସ୍ନାତକ ଶ୍ରେଣୀର ପାଠପଢାକୁ ସମୂଳେ ଧ୍ୱଂସ କରିବ। ଏହିପରି ଏକ ଭୟାବହ ଶିକ୍ଷାନୀତି ଭବିଷ୍ୟତ ପୀଢିକୁ ପଙ୍ଗୁ କରିଦେବ। ଏହାକୁ ରୋକିବା ନିତାନ୍ତ ଆବଶ୍ୟକ। ତେଣୁ ଆମେ ସମସ୍ତ ଜନଗଣଙ୍କ ପାଖରେ ଆହ୍ୱାନ କରୁଛୁ ଯେ ଏହି ଶିକ୍ଷାନୀତିକୁ ସଂପୂର୍ଣ୍ଣ ବାତିଲ କରିବାପାଇଁ ଦୃଢ ଜନଆନ୍ଦୋଳନ ଗଢିତୋଳନ୍ତୁ। ତାହେଲେ ହିଁ ଶିକ୍ଷା ବ୍ୟବସ୍ଥା ବଂଚିବ ଏବଂ ଛାତ୍ରଛାତ୍ରୀ ପ୍ରକୃତ ଶିକ୍ଷା ପାଇବାର ପଥ ପ୍ରଶସ୍ତ ହେବ।

★★★

Regd.No-ORI ORI/2011/37220 • VOL.NO. 11, ISSUE NO. 15 • ମୂଲ୍ୟ-୫ଟଙ୍କା

# କଟକଠାରେ ଏଆଇୟୁଟିୟୁସି ଷଷ୍ଠ ଓଡ଼ିଶା ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ




ଅଲ୍‌ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ ସେଣ୍ଟର (ଏଆଇୟୁଟିୟୁସି)ର ଷଷ୍ଠ ଓଡ଼ିଶା ରାଜ୍ୟ ସମ୍ମିଳନୀ ସେପ୍ଟେମ୍ବର ୨୨ ତାରିଖରେ କଟକ ଟାଉନହଲଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଆଇୟୁଟିୟୁସିର ଓଡିଶା ରାଜ୍ୟ ସଭାପତି କମ୍ରେଡ ଶମ୍ଭୁନାଥ ନାଏକ, ଉପସଭାପତି ବିଷ୍ଣୁ ଦାସ ଓ ଭିକାରୀ ପ୍ରଧାନଙ୍କୁ ନେଇ ଗଠିତ ସଭାପତିମଣ୍ଡଳୀ ଏହି ସମ୍ମିଳନୀକୁ ପରିଚାଳନା କରିଥିଲେ। ସମ୍ମିଳନୀରେ ଏଆଇୟୁଟିୟୁସି ସର୍ବ ଭାରତୀୟ ସାଧାରଣ ସମ୍ପାଦକ ଶଙ୍କର ଦାସଗୁପ୍ତ ଉଦଘାଟନୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଦେଶବ୍ୟାପୀ ଶକ୍ତିଶାଳୀ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ଗଢିତୋଳିବା ଉଦ୍ଦେଶ୍ୟରେ ରାଜଧାନୀ ଭୁବନେଶ୍ୱର ଠାରେ ଚଳିତବର୍ଷ ଡିସେମ୍ବର ୧୫ରୁ ୧୭ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଥିବା ଏଆଇୟୁଟିୟୁସିର ୨୨ତମ ସର୍ବ ଭାରତୀୟ ସମ୍ମିଳନୀକୁ ସଫଳ କରିବା ପାଇଁ ସେ ଆହ୍ୱାନ ଦେଇ ଥିଲେ। ଏହି ସମ୍ମିଳନୀରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଏଆଇୟୁଟିୟୁସି ସର୍ବଭାରତୀୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ଅରୁଣ କୁମାର ସିଂହ ଆମ ଦେଶରେ ପ୍ରତିଷ୍ଠିତ ଶୋଷଣମୂଳକ ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାର ଉଚ୍ଛେଦ ପାଇଁ ଶକ୍ତିଶାଳୀ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ଗଢିତୋଳିବାକୁ ଆହ୍ୱାନ ଦେଇଥିଲେ। ସଂଗଠନର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ରାଜକିଶୋର ମଲ୍ଲିକ ସମ୍ମିଳନୀର ମୁଖ୍ୟ ଚିଠା ପ୍ରସ୍ତାବ ଆଗତ କରିଥିବା ବେଳେ ରାଜ୍ୟ ସମ୍ପାଦକ ଜୟସେନ ମେହେର ସାଙ୍ଗଠନିକ ବିବରଣୀ ଓ କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ଆୟ ବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ପ୍ରତିନିଧିମାନଙ୍କ ସମର୍ଥନ କ୍ରମେ ଏଗୁଡିକ ସର୍ବ ସମ୍ମତିରେ ଗୃହୀତ ହୋଇ ଥିଲା। ସମ୍ମିଳନୀରେ କମ୍ରେଡ ଶମ୍ଭୁନାଥ ନାଏକ ସଭାପତି, କମ୍ରେଡ ବିଷ୍ଣୁ ଦାସ, ସତ୍ୟପ୍ରିୟ ମହାନ୍ତି , ଅଜିତ ନାୟକ, ଭିକାରୀ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ସୁରେନ୍ଦ୍ର ମଲ୍ଲିକ ଓ କାହ୍ନୁ ବିଶ୍ୱାଳ ଉପସଭାପତି, କମ୍ରେଡ ଜୟସେନ ମେହେର ସମ୍ପାଦକ, ସୁରେଶ ପ୍ରଧାନ, ପ୍ରହ୍ଲାଦଚନ୍ଦ୍ର ସାହୁ, ରାଜକିଶୋର ମଲ୍ଲିକ, ବ୍ରଜବନ୍ଧୁ ସାହୁ, ଶ୍ରୀନିବାସ ସେଠୀ, ବିଷ୍ଣୁ ପଣ୍ଡା, ଦୁଃଖିଶ୍ୟାମ ମଲ୍ଲିକ, ଟୁନା ନାଏକ, ତୀର୍ଥବାସୀ ଭୋଇ, ପ୍ରଦୀପ୍ତ ରାମ ଓ ଅଶୋକ ସାହୁ ସମ୍ପାଦକ ମଣ୍ଡଳୀ ସଦସ୍ୟ ଏବଂ ନିରଞ୍ଜନ ମହାନ୍ତି ଅଫିସ ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ଭାବରେ ନିର୍ବାଚିତ ହୋଇଥିଲେ। ଏହା ବ୍ୟତୀତ ଏକ ୮୯ ଜଣିଆ ରାଜ୍ୟ କମିଟିକୁ ମଧ୍ୟ ଏହି ସମ୍ମିଳନୀ ନିର୍ବାଚିତ କରିଥିଲା । ଶ୍ରମିକ କର୍ମଚାରୀ ବିରୋଧୀ ଶ୍ରମ କୋଡ୍ ବାତିଲ କରିବା, ରାଷ୍ଟ୍ରୀୟ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ସର୍ବନିମ୍ନ ମଜୁରୀ ମାସିକ ୨୮ ହଜାର ଟଙ୍କା କରିବା, ପୁରୁଣା ପେନସନ୍ ସ୍କିମ୍ ପୁନଃ ପ୍ରଚଳନ କରିବା, ସ୍ଥାୟୀ କାମରେ ସ୍ଥାୟୀ ନିଯୁକ୍ତି ଦେବା, ସମାନ କାମକୁ ସମାନ ମଜୁରୀ ପ୍ରଦାନ କରିବା, ପାଚିକା - ସହାୟିକା ,ଆଶା, ଅଙ୍ଗନୱାଡି କର୍ମୀ ଓ ଏସ୍.ଇ.ଏମ୍ ମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, ନିର୍ମାଣ ଶ୍ରମିକ,ବିଡି ଶ୍ରମିକ, ପରିଚାରିକା ସମେତ ସମସ୍ତ ଅଣସଂଗଠିତ ଶ୍ରମିକଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବା ଏବଂ ଛଟେଇ ଖଣି ଶ୍ରମିକ ଓ ଇଣ୍ଡସ ଟାୱାର ଟେକ୍ନିସିଆନ ମାନଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ଏହି ସମ୍ମିଳନୀ ଦୃଢ଼ ଦାବି କରିଛି। ସମ୍ମିଳନୀର ପ୍ରାରମ୍ଭରେ ରକ୍ତ ପତାକା ଉତ୍ତୋଳନ ଓ ଶହୀଦ ବେଦୀରେ ମାଲ୍ୟାର୍ପଣ କରାଯାଇଥିଲା ଏବଂ ଆନ୍ତର୍ଜାତିକ ସଙ୍ଗୀତ ପରିବେଷଣ ପରେ ସମ୍ମିଳନୀଉଉତ୍ଯାପିତ ହୋଇଥିଲା।

## ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନର ଅନାବଶ୍ୟକ ବିତର୍କ ବନ୍ଦ କରି ରାଜ୍ୟର ଶିକ୍ଷା ସମସ୍ୟା ଦୂର କରିବା ଦାବିରେ ଛାତ୍ର ବିକ୍ଷୋଭ




ସେପ୍ଟେମ୍ବର ୧୮ ରେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକଠାରେ, ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନର ଅନାବଶ୍ୟକ ବିତର୍କ ବନ୍ଦ କରି ତୁରନ୍ତ ଏହାର ଭିତ୍ତିଭୂମି ବିକାଶ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା, ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀ ପଦବୀ ସ୍ଥାୟୀ ଭିତ୍ତିରେ ପୂରଣ କରିବା, ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନର ତାରିଖ ତୁରନ୍ତ ଘୋଷଣା କରିବା ଓ ଛାତ୍ର ଓ ଅଧ୍ୟାପକମାନଙ୍କ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା କରିବା ଦାବିରେ ମିଳିତ ଛାତ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଛାତ୍ର ବିକ୍ଷୋଭ ସ୍ଥଳରେ ଏଆଇଡିଏସଓ ରାଜ୍ୟ ସମ୍ପାଦକ କମ୍ରେଡ ସିଦ୍ଧାର୍ଥ ରଥଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସଂଗଠନର ରାଜ୍ୟ ଉପସଭାପତି କମ୍ରେଡ ଭାଗ୍ୟରବି ଦାସ, ଅଫିସ ସମ୍ପାଦକ କମ୍ରେଡ ନସିମ ସରକାର, କମ୍ରେଡ ସପ୍ତର୍ଷିନୀ ରାଉଳ, କମ୍ରେଡ ବିନୋଦ ସେଠୀ, କମ୍ରେଡ ତରୁଣସେନ ନାୟକ, କମ୍ରେଡ ଇଷା ଧର, କମ୍ରେଡ ଦେବବ୍ରତ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ ଅନ୍ୟାନ୍ୟ ଛାତ୍ର ସଂଗଠନର ନେତୃବୃନ୍ଦ ମଧ ବକ୍ତବ୍ୟ ରଖିଥିଲେ।

## କମ୍ରେଡ ରାମେଶ୍ୱର ପୁର୍ତ୍ତୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି




ଏସ୍ ୟୁ ସି ଆଇ(କମ୍ୟୁନିଷ୍ଟ) ଦଳର କପ୍ତିପଦା ଆଞ୍ଚଳିକ କମିଟିର ଆବେଦନକାରୀ ସଭ୍ୟ କମ୍ରେଡ ରାମେଶ୍ୱର ପୁର୍ତ୍ତୀ ସେପ୍ଟେମ୍ବର ୨୩ ତାରିଖ ଦିନ ୧୨ ଟାରେ ଭୁବନେଶ୍ୱର କେୟାର ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୬୩ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି।
କମ୍ରେଡ ରାମେଶ୍ୱର ପୁର୍ତ୍ତୀ ୧୯୯୦-୯୧ ମସିହାରେ ଏଯୁଗର ବିଶିଷ୍ଟ ମର୍କ୍ସବାଦୀ ଚିନ୍ତା ନାୟକ କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତାଧାରାର ସଂସ୍ପର୍ଶରେ ଆସି ଏସ୍ ୟୁ ସି ଆଇ(କମ୍ୟୁନିଷ୍ଟ) ଦଳ ସହିତ ଯୁକ୍ତ ହୋଇ ଥିଲେ। ସେ କପ୍ତିପଦା ଅଞ୍ଚଳର ପାର୍ଟି ନେତୃତ୍ୱରେ ସଂଗଠିତ ଗଣ ଆନ୍ଦୋଳନରେ ସକ୍ରିୟ ଭାବେ ଅଂଶଗ୍ରହଣ କରୁଥିଲେ। କପ୍ତିପଦା ବ୍ଲକର ଶରତ ଅଂଚଳରେ ଗରିବ ଆଦିବାସୀମାନଙ୍କର ଚାଷଜମିରେ ସରକାରଙ୍କ ଦ୍ୱାରା ଗଛ ଲଗାଇବା ଓ ଆଦିବାସୀ ମାନଙ୍କ ଉପରେ ପୋଲିସ ଅତ୍ୟାଚାର ବିରୁଦ୍ଧରେ ଜନଗଣଙ୍କୁ ସଂଗଠିତ କରିବା କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ତାଙ୍କ ବିୟୋଗରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ମୟୂରଭଞ୍ଜ ଜିଲ୍ଲା କମିଟି ସଦସ୍ୟ କମ୍ରେଡ ସାଦ ଚରଣ ବଦ୍ରା ଗଭୀର ଶୋକ ପ୍ରକାଶ କରିଛନ୍ତି। ପାର୍ଟି କପ୍ତିପଦା ଆଂଚଳିକ କମିଟିର ସଭ୍ୟ କମ୍ରେଡ ଉଦୟ ସାମାଡ, ରଥ ଦେଓଗାମ, ମିଞ୍ଜାରୀ ଦେଓଗାମ, ଯମୁନା ସାମାଡ, ଶାନ୍ତି ଚାକିଏ,ସମା ସମରାଇ,ସାତାରି ଚାକିଏ,ସିଙ୍ଗରାଇ ଦେଓଗାମ,ବର୍ଜୁ ଚାକିଏଙ୍କ ସମେତ ବହୁ ଦଳୀୟ ତାଙ୍କ ବାସଭବନରେ ପହଂଚି ତାଙ୍କ ମରଶରୀରରେ ପୁଷ୍ପ ମାଲ୍ୟାର୍ପଣ କରି ବିପ୍ଳବୀ ଶ୍ରଦ୍ଧା ଜ୍ଞାପନ କରିଥିଲେ ।

**କମ୍ରେଡ ରାମେଶ୍ୱର ପୂର୍ତ୍ତୀ**
**ଲାଲ ସଲାମ୍**

## ଅଲ ଇଣ୍ଡିଆ କିଷାନ କ୍ଷେତ ମଜ଼ଦୁର ସଂଗଠନ ଦ୍ୱାରା ଆୟୋଜିତ ସର୍ବଭାରତୀୟ କିଷାନ ମହାପଂଚାୟତରେ ଦେଶବ୍ୟାପୀ ଶକ୍ତିଶାଳୀ ଚାଷୀ ଆନ୍ଦୋଳନ ଗଢିତୋଳିବା ପାଇଁ ଆହ୍ୱାନ

ଅଲ ଇଣ୍ଡିଆ କିଷାନ କ୍ଷେତ ମଜ଼ଦୁର ସଙ୍ଗଠନ (ଏଆଇକେକେଏମ୍‌ଏସ୍) ଡାକରାରେ ସେପ୍ଟେମ୍ବର ୨୩ ତାରିଖରେ ଦିଲ୍ଲୀର ତାଲକୋଟ୍ରା ଷ୍ଟାଡିୟମ ଠାରେ ସର୍ବଭାରତୀୟ କିଷାନ ମହା ପଂଚାୟତ ଆୟୋଜିତ ହୋଇଛି। ସଂଗଠନର ସର୍ବଭାରତୀୟ ଉପସଭାପତି କମ୍ରେଡ଼ ରଘୁନାଥ ଦାସଙ୍କ ଅଧକ୍ଷତାରେ କମ୍ରେଡ଼ ଜୟକରଣ ମାଣ୍ଡୋଟି, ମଦନ ସରକାର, ଉମାପ୍ରସାଦ ବିଶ୍ୱାସ ଓ ବିମଳ ଦାସଙ୍କୁ ନେଇ ଗଠିତ ସଭାପତିମଣ୍ଡଳୀ ମହାପଂଚାୟତର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା। ଏହି ମହା ପଂଚାୟତରେ ସଂଯୁକ୍ତ କିଷାନ ମୋର୍ଚ୍ଚା(ଏସକେଏମ)ର ସୁପରିଚିତ ନେତା ତଥା ବିକେୟୁ(ଏକତା ଉଗ୍ରାହନ)ର ସଭାପତି ଯୋଗେନ୍ଦ୍ର ସିଂ ଉଗ୍ରାହନ, ସରଦାର ବଲବୀର ସିଂ ରାଜେୱାଲ ଏବଂ ଏଆଇକେଏମର ସର୍ବଭାରତୀୟ ଉପସଭାପତି ପ୍ରେମ ସିଂ ଗେହେଲଟ୍ ଯୋଗ ଦେଇଥିଲେ ଏବଂ କୃଷକ ମାନଙ୍କର ଏହି ବିଶାଳ ସମାବେଶରେ ଯୋଗଦେଇ ସନ୍ତୋଷ ପ୍ରକାଶ କରିଥିଲେ। ଆଗାମୀ ଦିନର କୃଷକ ଆନ୍ଦୋଳନରେ ଏଆଇକେକେଏମଏସ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିବ ବୋଲି ଏହି ନେତା ମାନେ ଦୃଢ଼ ଆଶା ପୋଷଣ କରିଥିଲେ। ଏହି ଅବସରରେ ଏଆଇକେକେଏମଏସର ସାଧାରଣ ସାମ୍ପାଦକ କମ୍ରେଡ଼ ଶଙ୍କର ଘୋଷ ତାଙ୍କ ଉଦଘାଟନୀ ବକ୍ତବ୍ୟରେ ସର୍ବାହରାର ମହାନ ନେତା ତଥା ଏଆଇକେକେଏମଏସର ପ୍ରତିଷ୍ଠାତା କମ୍ରେଡ଼ ଶିବଦାସ ଘୋଷ ଏ ଦେଶରେ କିଷାନ ଆନ୍ଦୋଳନ ଗଢିତୋଳିବା ପାଇଁ ଯେଉଁ କଷ୍ଟସାଧ ଉଦ୍ୟମ କରିଥିଲେ ସେ ବିଷୟ ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ଲଗାତର ଚାଷୀ ମୂଲିଆ ମାନଙ୍କର ଆନ୍ଦୋଳନ ଗଢ଼ିତୋଳିବା ପାଇଁ ମହାପଂଚାୟତରେ ଯୋଗ ଦେଇଥିବା ଚାଷୀ, ଭାଗଚାଷୀ, ଶ୍ରମଜୀବୀ ମହିଳା ଓ ସାଧାରଣ ଜନଗଣଙ୍କୁ ଆହ୍ୱାନ ଦେଇଥିଲେ। ସଂଗଠନର ସର୍ବଭାରତୀୟ ସଭାପତି ତଥା ଦେଶର ପ୍ରତିଷ୍ଠିତ କିଷାନ ନେତା କମ୍ରେଡ଼ ସତ୍ୟବାନ ଏହି ମହାପଂଚାୟତର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ତାଙ୍କ ଭାଷଣରେ ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ପ୍ରଦାନ, ବିଦ୍ୟୁତ୍ ବିଲ ୨୦୨୩ ବାତିଲ, ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଚାଷୀ ଓ ଭାଗ ଚାଷୀଙ୍କୁ ମାସିକ ୫୦୦୦ ଟଙ୍କା ପେନସନ,ସମସ୍ତ କୃଷିରଣ ଛାଡ଼, ସାର,ବିହନ, କୀଟ ନାଶକ ଓ କୃଷି ଯନ୍ତ୍ରପାତି ସୁଲଭ ଦରରେ ଯୋଗାଇ ଦେବା, ବିଭିନ୍ନ କମ୍ପାନୀମାନଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ବନ୍ଦ କରିବା, ମନରେଗା ଯୋଜନାରେ କୃଷି ଶ୍ରମିକ ମାନଙ୍କୁ ବର୍ଷସାରା କାମ ଯୋଗାଇବା ଆଦି ୧୦ ଦଫା ସମ୍ବଳିତ ଦାବି ଉପରେ ବିସ୍ତାରିତ ଆଲୋଚନା କରିଥିଲେ।

ଆସନ୍ତା ନଭେମ୍ବର ୧୭ ତାରିଖ, ଲାଲା ଲାଜପତ ରାୟଙ୍କ ଜନ୍ମ ଦିନରେ ଦେଶବ୍ୟାପୀ ସମସ୍ତ ଜିଲ୍ଲା ମୁଖ୍ୟାଳୟରେ ବିକ୍ଷୋଭ କରିବା ଏବଂ ୨୦୨୫ ଫେବ୍ରୁଆରୀ ମଧଭାଗରେ ଦେଶର ସମସ୍ତ ରାଜ୍ୟ ରାଜଧାନୀରେ ବିକ୍ଷୋଭ ଆୟୋଜନ କରିବା ପାଇଁ ମହାପଂଚାୟତ ରେ ଘୋଷଣା କରାଯାଇଛି। ଏହି ମହାପଂଚାୟତରେ ମୂଳପ୍ରସ୍ତାବ ସମେତ ବ୍ରହ୍ମପୁତ୍ର ନଦୀ ଓ ଦିଲ୍ଲୀ ଗ୍ରାମାଂଚଳର କେତେକ ସମସ୍ୟା ସମ୍ପର୍କରେ ୩ ଟି ପ୍ରସ୍ତାବ ଗୃହୀତ ହୋଇଛି। ସଭାପତି କମ୍ରେଡ଼ ରଘୁନାଥ ଦାସଙ୍କ ଅଭିଭାଷଣ ପରେ ମହାପଂଚାୟତ ସମାପ୍ତ ହେଇଥିଲା। ଦେଶର ବିଭିନ୍ନ ରାଜ୍ୟରୁ ହଜାର ହଜାର ଚାଷୀ ଏହି ମହାପଂଚାୟତରେ ଯୋଗଦେଇଥିଲେ। ★




Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das